ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.45 Bhubaneswar Wednesday March 22 2023 | ୨୬ତମ ବର୍ଷ ସଂଖ୍ୟା-୪୫ ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୨୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ, ରାଜ୍ୟବାସୀଙ୍କୁ ଆଶ୍ୱାସନା: ନବ ହତ୍ୟାର ଦୋଷୀଙ୍କୁ ଦଣ୍ଡ ନିଶ୍ଚିତ



ଭୁବନେଶ୍ୱର, ୨୧ ।୩(ପି.ଏନ): ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟାର ୫୨ଦିନ ପରେ ବି ତଦନ୍ତ ପ୍ରକ୍ରିୟା ଉପରେ ସନ୍ଦେହ ଉଠାଇ ବିରୋଧୀ ବିଜେପି ଓ କଂଗ୍ରେସ ସମାଲୋଚନା ଜାରି ରଖିଥିବାବେଳେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଲଟା ଜବାବ ଦେବା ସହ କଟାକ୍ଷ କରିଛନ୍ତି । ହତ୍ୟା ପଛର ଷଡଯନ୍ତ୍ରର ପର୍ଦ୍ଦାଫାସ ଓ ଏଥିରେ ସମ୍ପୃକ୍ତ ଲୋକଙ୍କୁ ଦଣ୍ଡ ସୁନିଶ୍ଚିତ କରାଇବା ତାଙ୍କ ସରକାରର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିରୋଧୀ ଦଳକୁ କଡା ସମାଲୋଚନା କରିଛନ୍ତି ।ଆଜି ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟମାନଙ୍କୁ ଜବାବ ଦେଇ କହିଛନ୍ତି ଯେ, ଏହି ହତ୍ୟା ମାମଲାରେ ଏପର୍ଯ୍ୟନ୍ତ ବିଧାନସଭାରେ ତାଙ୍କ ଦ୍ୱାରା ଥରେ ବୟାନ ଦିଆଯାଇଛି । ଏହି ସମ୍ବେଦନଶୀଳ ମାମଲାରେ ଏପର୍ଯ୍ୟନ୍ତ କୌଣସି ପୁଲିସ ଅଧିକାରୀ ଅବା ଅନ୍ୟ କେହି କର୍ତ୍ତୃପକ୍ଷ କୌଣସି ସୂଚ୍ନା ଗଣମାଧ୍ୟମ ସମେତ କାହାରିକୁ ଦେଇନାହାନ୍ତି । ତଦନ୍ତ ଏବେ ଜାରି ରହିଛି ଓ ଚ଼ାର୍ଜସିଟ୍ ମଧ୍ୟ ଆଇନ ଦ୍ୱାରା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯିବ ।ଅଭିଯୁକ୍ତ ଜଣେ ପାଗଳ ଅବା ଅଭିଯୁକ୍ତକୁ ପାଗଳ ଦର୍ଶାଇବାକୁ ସରକାର ପ୍ରୟାସ କରୁଛନ୍ତି ବୋଲି ବୋଲି ବିରୋଧୀଙ୍କୁ କିଏ କହିଲା । ବିରୋଧୀ ଦଳ ସଂକୀର୍ଣ୍ଣ ରାଜନୀତିକ ଫାଇଦା ନେବାକୁ ଏଭଳି ମିଛ କଥା କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ଶେଷରେ ମୁଣ୍ଡ ନୁଆଁଇଲା ପ୍ରଶାସନ : ସିଲ ହେଲା ରିମୁଳି ମଦ ଦୋକାନ

ଚମ୍ପୁଆ, ୨୧ ।୩(ପି.ଏନ): ରିମୁଳି ଠାରେ ଥିବା ବିଦେଶୀ ମଦ ଦୋକାନ ସ୍କୁଲ ପରିସରକୁ ଲାଗି ରହିଥିବାରୁ ବିରୋଧ କରି ଆସୁଥିଲା ପଂଚାୟତ। ମଦ ଦୋକାନକୁ ହଟାଇବା ପାଇଁ ଦୀର୍ଘ ଦିନ ଧରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ରିମୁଳି ସରପଂଚଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ର ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ। ଫଳରେ ଏହି ମଦ ଦୋକାନକୁ ସିଲ କରିଛି ଅବକାରୀ ବିଭାଗ କ୍ଷ ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଠାରେ ଥିବା ସି ଟି ସ୍କୁଲ ନିକଟରେ ସରକାରଙ୍କ ଗାଇଡ଼ ଲାଇନକୁ ଉପେକ୍ଷା କରି ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଦୀର୍ଘ ଦିନରୁ ଖୋଲା ଯାଇଥିଲା କ୍ଷ ଏହା ନାମକୁ ମାତ୍ର ଠିପି ବନ୍ଦ ମଦ ଦୋକାନ ଥିଲା। ପ୍ରକୃତ ପକ୍ଷେ ଦୋକାନରୁ ମଦ କିଣି ଏହି ଦୋକାନ ପରିସରରେ ମଦୁଆମାନେ ଖୁଲମ ଖୁଲା ମଦ ପିଇବା ଯୋଗୁଁ ଆଖ ପାଖରେ ସାଧାରଣ ଜୀବନ ଯାତ୍ରାରେ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା। ସରକାରୀ ଗାଇଡ଼ ଲାଇନକୁ ଉପେକ୍ଷା କରାଯାଇ ଅବକାରୀ ବିଭାଗର ଚଂଚକତାରେ ବିଦ୍ୟାଳୟ ନିକଟରେ ଏହି ମଦ ଦୋକାନ ଖୋଲା ଯାଇଥିବାବେଳେ ଏହାକୁ ବିରୋଧ କରି ଆସୁଥିଲା ରିମୁଳି ପଂଚାୟତ। ସରପଂଚଙ୍କ ନେତୃତ୍ୱରେ ଗ୍ରାମବାସୀ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହୋଇ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ଅଭିଯୋଗ ହୋଇଥିଲେହେଁ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସରପଂଚଙ୍କ ନେତୃତ୍ୱରେ ଗ୍ରାମବାସୀ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ଅଧକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ ଅବକାରୀ ବିଭାଗ ବାଧ୍ୟ ହୋଇ ଏହି ମଦ ଦୋକାନକୁ ସିଲ କରିଥିବା ଜଣା ପଡିଛି। ଦୀର୍ଘଦିନ ଧରି କରି ଆସୁଥିବା ଦାବୀ ପୂରଣ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିବା ଦେଖିବାକୁ ମିଳିଛି।

## ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୧ ।୩(ପି.ଏନ) :ଡକାୟତି ମାମଲା ରେ ଫେରାର ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଗଡପଦର ଅଂଚଳର କୃଷ୍ଣ ଟାକରି (୨୨) ।ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନାରେ ଏକ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିଲା । ଏହି ଡକାୟତି ମାମଲାରେ ଗତ ୨୨.୧.୨୩ ତାରିଖରେ ଦୁଇ ଅଭିଯୁକ୍ତ ଗଡପଦର ଅଜୟ ହରିଜନ ଓ ଡମ୍ବୁର ବେନିଆ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ପୋଲିସ ସୁଚନା ଅନୁଯାଇ ଗତ ୧୪.୧୦.୨୨ ରେ ଜଣେ ମଧ୍ୟ ପ୍ରଦେଶର ବୁଲା ବେପାରି ଜୟ ପାଲ ବଞ୍ଜାରା ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲି ରୁ ବାଇକ ଯୋଗେ ଜୟପୁର ଆସୁଥିବା ସୁଚନା ପାଇ ଏକ ୭ ଜଣିଆ ଡକାୟତି ଟିମ ପାତ୍ରପୁଟ ନିକଟରେ ଛପିଥିଲେ । ଉକ୍ତ ବେପାରି କୁ କାବୁ କରି ଜଙ୍ଗଲକୁ ନେଇଥିଲେ ତାଙ୍କୁ ଧମକ ଚମକ ଦେଇ ପ୍ରଥମେ ତାଠାରୁ ୭ ଶହ ଟଙ୍କା ନେବା ସହ ଫୋନ ପେ ରେ ଥିବା ୮ ହଜାର ୮ ଶହ ଟଙ୍କା ନେଇଥିଲେ । ପରେ ଉକ୍ତ ବେପାରିକୁ ଧକମ ଦେଇ ତୋ ଏକାଉଂଟରରେ ତୁରନ୍ତ ୫୦ ହଜାର ଟଙ୍କା ଦାବି କରିଥିଲେ ନଚେତ ହତ୍ୟା କରିବାକୁ ଧମକ ଦେଇଥିଲେ । ଫଳରେ ବ୍ୟବସାୟି ଜଣକ ତାଙ୍କ ଭାଇକୁ କଲ କରି ୪୦ ହଜାର ଟଙ୍କା ମାଗାଇଥିଲେ । ପରେ ଡକାୟତି ଦଳ ଫୋନ ପେ ର ଉକ୍ତ ଟଙ୍କା କୁ ନେଇ ଛାଡି ଥିଲେ । ପରେ ଉକ୍ତ ବ୍ୟବସାୟି ଜଣକ ଜୟପୁର ସଦର ଥାନା ରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଗତ ୨୨ ଜାନୁଆରି ୨୦୨୩ରେ ଦୁଇ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଜଣ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## କୁସୁମପୁଟ ଜଙ୍ଗଲରେ ମାଓ କ୍ୟାମ୍ପ ଠାବ, ବିସ୍ଫୋରକ ସାମଗ୍ରୀ ଉଦ୍ଧାର

ମାଲକାନଗିରି, ୨୧ ।୩(ପି.ଏନ): ମାଲକାନଗିରି ପୋଲିସକୁ ମିଳିଛି ବଡ ସଫଳତା । ଆନ୍ଧ୍ର ସୀମାନ୍ତ କୁସୁମପୁଟ ଜଙ୍ଗଲରେ କମ୍ବିଂ ଅପରେସନ ବେଳେ ମାଓବାଦୀଙ୍କ କ୍ୟାମ୍ପ ଠାବ ହୋଇଛି। କ୍ୟାମ୍ପରୁ ୬ଟି ଟିଫିନ ବୋମା, ୨ଟି ଓ୍ୱାକି ଟକି, ୫୦ କିଲୋଗ୍ରାମ କୋଡେକ୍ସ ସହ ଅନେକ ବିଦ୍ୟୁତ ଉପକରଣ ଉଦ୍ଧାର ହୋଇଛି । ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଏସଓଜି ଓ ଡିଭିଏଫ ବାହିନୀ ତରଫରୁ ନିୟମିତ ଅପରେସନ ଚାଲିଥିବା ବେଳେ ଏହି ସଫଳତା ମିଳିଥିବା ମାଲକାନଗିରି ଏସପି ନିତେଶ ଓ୍ୱାଧଓ୍ୱାନି କହିଛନ୍ତି ।

## ଶୂନ୍ୟକାଳରେ ବିଜେଡି ଓ ବିଜେପି ବିଧାୟକ ମୁହାଁମୁହିଁ, ଗୃହ ସ୍ଥଗିତ

ଭୁବନେଶ୍ୱର, ୨୧ ।୩(ପି.ଏନ): ମଙ୍ଗଳବାର ଦିନ ବିଧାନସଭାରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ସୁରୁଖୁରରେ ଚାଲିଥିଲା ।ହେଲେ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର କହିବା ମାତ୍ରେ ହିଁ ବିଜେଡି ବିଧାୟକ ମାନେ ନିଜ ନିଜ ଆସନରେ ଠିଆ ହୋଇ ବ୍ୟାନର ଧରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିବାର ଦେଖିବାକୁ ମିଳିଥିଲା ।ସେମାନେ ପାଟିତୁଣ୍ଡ କରିବା କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଦିନ ୧୨ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ନିଜ ଆସନରେ ଠିଆ ହୋଇ ଫାଇଭ ଟି କେମିତି ସିଏମଓ ହେଲେ ବୋଲି ପ୍ରଶ୍ନ କରିଥିଲେ ।ସେ କହିବା ମାତ୍ରେ ବିଜେଡି ଦଳର ସଭ୍ୟ ମାନେ ହାତରେ ବ୍ୟାନର ଧରି ପାଂଚ କିଲୋ ଚାଉଳ କେନ୍ଦ୍ର ସରକାର କାହିଁକି କାଟିଲେ ବୋଲି ପ୍ରଶ୍ନ କରି ନାରାବାଜୀ କରିଥିଲେ । ସେମାନେ ଜୋରରେ ନାରାବାଜୀ କରୁଥିବା କାରଣରୁ ବିରୋଧୀ ଦଳର ନେତା ଯାହା କହୁଥିଲେ ତାହା ଖୁବ କମ ଶୁଣା ଯାଉଥିଲା । ଶ୍ରୀ ମିଶ୍ର କହିଥିଲେ ଯେ ସେ ମୁଖ୍ୟମନ୍ତ୍ରୀଙ୍କ ସଚିବ ହୋଇ ପାରନ୍ତି ହେଲେ ସିଏମଓ କିପରି ହେବେ ।ସେ ଆହୁରି କହିଥିଲେ ଯେ ଜଣେ ବିଧାୟକ ନିଜକୁ କ୍ରୀତଦାସ ବୋଲି ମଧ୍ୟ କହୁଛନ୍ତି । ସେପଟେ ଶାସକ ଦଳର ସଦସ୍ୟମାନେ କେନ୍ଦ୍ରର ୫ କେଜି ଚାଉଳ କାଟିବା ପ୍ରସଙ୍ଗ ଉଠାଇ ହାତରେ ବ୍ୟାନର ପୋଷ୍ଟର ଦେଖାଇ ନିଜ ନିଜ ନିଜ ସ୍ଥାନରେ ପ୍ରତିବାଦ କରିଥିଲେ । ନାରାବାଜୀ ଜୋର ହେବା କାରଣରୁ ବିଧାନସଭାର ବାଚସ୍ପତି ବାଚସ୍ପତି ୧୨ ଟା ପର୍ଯ୍ୟନ୍ତ ଗୃହକୁ ମୂଳତବୀ ରଖିଥିଲେ ।

## ୨୬ ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ଗଞ୍ଜାମ, ୨୧ ।୩(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୬ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜାରୀ ରହିଛି ।ମୁଖ୍ୟମନ୍ତ୍ରୀ ପ୍ରଥମେ ହିଞ୍ଜିଳିକାଟୁ ଓ ପରେ କବିସୂର୍ଯ୍ୟନଗର ଏବଂ ଅପରାହ୍ନରେ ଛତ୍ରପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଛତ୍ରପୁରରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଓ ହିଞ୍ଜିଳିକାଟୁ ବ୍ଲକକୁ ବାଦ୍ ଦେଇ ୪ଟି ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ ।

## ସ୍ୟାଟ୍ ଉଚ୍ଛେଦ ନିଷ୍ପତିକୁ କାଏମ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧ ।୩(ପି.ଏନ): ଓଡ଼ିଶା ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ଏସଏଟି) ଉଚ୍ଛେଦ ନିଷ୍ପତିକୁ କାଏମ ରଖିଛନ୍ତି ସୁପ୍ରିମକୋର୍ଟ। ପୂର୍ବରୁ ସ୍ୟାଟ୍ ଉଚ୍ଛେଦ ନେଇ ହାଇକୋର୍ଟ ନିର୍ଦ୍ଦେଶକୁ ଦେଇଥିଲେ ।ସ୍ୟାଟ୍ ଉଚ୍ଛେଦ ନେଇ ୨୦୧୯ରେ କେନ୍ଦ୍ର ବିଜ୍ଞପ୍ତି ଜାରି କରିଥିଲା । କେନ୍ଦ୍ରର ନିଷ୍ପତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟକୁ ଯାଇ ଥିଲା ସ୍ୟାଟ୍ ବାର୍। ସ୍ୟାଟ୍ ଉଚ୍ଛେଦ ନେଇ କେନ୍ଦ୍ରର କ୍ଷମତା ଥିବା କହିଥିଲେ ହାଇକୋର୍ଟ। ଏହାପରେ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା ବାର୍। ସୁପ୍ରିମକୋର୍ଟ ୨୦୨୨ରେ ମାମଲାର ଶୁଣାଣି ସାରି ରାୟ ସଂରକ୍ଷିତ ରଖିଥିଲେ।

## ଯାତ୍ରୀବାହି ବସ୍ - ଟ୍ରକ୍ ଧକ୍କା : ୧୫ ଆହତ

ବୌଦ୍ଧ, ୨୧ ।୩(ପି.ଏନ): ୫୭ନମ୍ବର ଜାତୀୟ ରାଜପଥରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ।ବୌଦ୍ଧ ଜିଲା ପୁରୁଣାକଟକ ଥାନା ଚାରିଛକ ତହସିଲ ଅଫିସ ନିକଟରେ ଯାତ୍ରୀ ବାହୀ ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ପୁରୁଣାକଟକ ମେଡିକାଲରେ ଭର୍ତି କରାଯାଇଛି । ୫ ଗୁରୁତରଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ସାହିଲ ନାମକ ଯାତ୍ରୀବାହୀ ବସ୍ ବଡମ୍ବାରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ସୂଚନାମୁତାବକ, ସାହିଲ ନାମକ ବସ୍ ଚାରିଛକରେ ଅଟକି ରହିଥିଲା । ଠିକ୍ ସେତିକି ବେଳେ ସାମ୍ନା ପଟରୁ ଆସୁଥିବା ଏକ ଟ୍ରକ୍ ବସ୍ ଟିକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବସ୍ ଟି ରାସ୍ତା ୩ ଫୁଟ ତଳକୁ ର ଖସି ପଡ଼ିଥିଲା । ପରେ ଘଟଣାସ୍ଥଳରେ ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ଯାତ୍ରୀମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ । ଯାତ୍ରୀ ମାନଙ୍କ ମଧ୍ୟରୁ ୧୫ ଜଣ ଆହତ ଓ ଗୁରୁତରଙ୍କୁ ପ୍ରଥମେ ପୁରୁଣାକଟକ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ସ୍ଥାନୀୟ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନ ବିଭାଗକୁ ସହାୟତା କରିବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ

କନ୍ଧମାଳ ,୨୧ ।୩(ପି.ଏନ): ଜଙ୍ଗଲ ନିଆଁକୁ କେମିତି ଆୟତ କରିହେବ ଏବଂ ମୂଲ୍ୟବାନ ଗଛ ସହ ଜୀବ ଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ସବୁ ବନଖଣ୍ଡରେ ସଚେତନତା କାଯ୍ୟକ୍ରମ ଯାରିରହିଛି । ଏହାରି ଭିତରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧିନରେ ଥିବା କୋଟଗଡ଼ ବନାଂଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା କିଛି ନିଆରା ପଦକ୍ଷେପ ନେଇଥିବା ସାମ୍ନାକୁ ଆସିଛି । ପୂର୍ବରୁ କୋଟଗଡ଼ ବନାଂଚଳର ବିଭିନ୍ନ ସ୍ଥାନରେ ନାଚ, ଗୀତ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନ ସଚେତନତା କାଯ୍ୟକ୍ରମ କରିଥିବା ବେଳେ ବର୍ତମାନ ଅଂଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ତୃଣମୂଳ ସ୍ତରରୁ ଜନ ସଚେତନତା କାଯ୍ୟକ୍ରମ କରି ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହଯୋଗ ଲୋଡ଼ିଛନ୍ତି ।ଏନେଇ କୋଟଗଡ଼ ବ୍ଲକର ୧୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୮୦ ମହିଳାଙ୍କୁ ନେଇ ବନାଂଚଳ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କଣ,କଣ କ୍ଷତି ଘଟୁଛି ଏବଂ ଜୀବଜଗତ ଉପରେ କଣ ପ୍ରଭାବ ପଡୁଛି ସେନେଇ ମା ମାନଙ୍କୁ ଅବଗତ କରାଇବା ସହ ପ୍ରତ୍ୟେକ ମା ମାନେ କେମିତି ନିଜ ନିଜର ସାହି, ଓ୍ୱାର୍ଡ ଓ ପଂଚାୟତରେ ସଭା ମାଧ୍ୟମରେ ଲୋକଙ୍କୁ କିଭଳି ବୁଝାଇବେ ଏବଂ ଜଙ୍ଗଲ ସୁରକ୍ଷା କିଭଳି କରାଯାଇପାରିବ ସେନେଇ କୋଟଗଡ଼ ବନାଂଚଳ ତରଫରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମା ମାନଙ୍କୁ ବିଭାଗ ପକ୍ଷରୁ ସହଯୋଗ ପାଇଁ ଅନୁରୋଧ କରାଯାଇଥିବା କହିଛନ୍ତି ବନାଂଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା । ଅନ୍ୟପଟେ ଗୋଷ୍ଠୀର ମା ମାନେ ବିଭାଗର ଅନୁରୋଧ କ୍ରମେ ଏଥିରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବନାଂଚଳର ସମସ୍ତ ବନପାଳ ଓ ସମସ୍ତ କର୍ମଚାରୀ ସାମିଲ୍ ହୋଇ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ବେଶ ବଦଳାଇ ବୁଲୁଛି ଖଲିସ୍ତାନୀ ନେତା ଅମ୍ରିତପାଲ ସିଂହ !



ନୂଆଦିଲ୍ଲୀ, ୨୧ ।୩(ପି.ଏନ): ଦୀର୍ଘ ୪ ଦିନ ହେଲା ପଞ୍ଜାବ ପୁଲିସ୍ ଓ କେନ୍ଦ୍ରୀୟ ସୁରକ୍ଷାକର୍ମୀଙ୍କ ନିଜ ହଜାଇ ସାରିଲାଣି ଖଲିସ୍ତାନୀ ନେତା ଅମ୍ରିତପାଲ ସିଂହ। ପଞ୍ଜାବ ଠାରୁ ଆରମ୍ଭ କରି ପଡୋଶୀ ହରିଆଣା ଓ ଅନ୍ୟାନ୍ୟ ସ୍ଥାନରେ ପୁଲିସ୍ ସର୍ଚ୍ଚ ଅପରେସନ କରୁଥିଲେ ହେଁ ଏଯାଏ ଅମ୍ରିତପାଲ ସିଂହର ପତ୍ତା ମିଳିନି। ସେ ଜଲନ୍ଧରଠାରୁ ପୁଲିସ୍‌କୁ ଚ଼କମା ଦେଇ ଫେରାର ହୋଇଯାଇଥିଲା।ଏବେ ସେ କେମିତି କାର୍ ଓ ବାଇକରେ ବସି ଫେରାର ହୋଇଥିଲା, ତା'ର ଫଟୋ ସାମ୍ନାକୁ ଆସିଛି। ଏଥିସହ ପଳାତକ ଘୋଷିତ ଅମ୍ରିତପାଲ ବେଶ ବଦଳାଇ ଖସିଯିବାକୁ ଲକ୍ଷ୍ୟ ରଖିଥିବା ପୁଲିସ୍ ସନ୍ଦେହ କରୁଛି। ଏଥିପାଇଁ ପୁଲିସ ତା'ର ଭିନ୍ନଭିନ୍ନ ବେଶକୁ ନେଇ କିଛି ଫଟୋ ଜାରି କରିଛି। କେଉଁ ଫଟୋରେ ସେ କ୍ଲିନସେଭ ହୋଇଛି ତ ଆଉ କେଉଁ ଫଟୋରେ ପଗଡି ଖୋଲିଦେଲେ କେମିତି ଦେଖାଯିବ, ତା'ର ଦୃଶ୍ୟ ରହିଛି। ଏପରି ଫଟୋ ଜାରି କରି ପୁଲିସ୍ ଅମ୍ରିତପାଲର ସୂଚ଼ନା ଲୋକଙ୍କ ଠାରୁ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ପୁଲିସ୍ ପକ୍ଷରୁ ଅମ୍ରିତପାଲର ରୂପକୁ ନେଇ ୭ଟି ଫଟୋ ଜାରି କରାଯାଇଛି। ଏଥିରେ ତାକୁ ଭିନ୍ନଭିନ୍ନ ଅବତାରରେ ଦେଖିବାକୁ ମିଳିଛି।

## ଟ୍ରକକୁ ପିଟିଲା ପିକଅପ୍ ଭ୍ୟାନ, ଦୁଇ ମୃତ

ଖୋର୍ଦ୍ଧା, ୨୧ ।୩(ପି.ଏନ): ୧୬ ନମ୍ବର ଜାତୀୟ ରାଜପଥ ପିତାପଲି ଛକ ନିକଟରେ ଟ୍ରକ ପଛରେ ପିଟିଲା ପିକଅପ ଭ୍ୟାନ। ଫଳରେ ଘଟଣାସ୍ଥଳରେ ଡ୍ରାଇଭର ଓ ହେଲପରର ମୃତ୍ୟୁ ଘଟିଛି ।ସୂଚନା ଅନୁଯାୟୀ, ଆଜି ସକାଳେ ଭୁବନେଶ୍ୱରରୁ ବାଲୁଗାଁ ଅଭିମୁଖେ ଏକ ପିକଅପ ଭ୍ୟାନ ମାଛ ଆଣିବା ପାଇଁ ଯାଉଥିଲା। ତେବେ ଜାତୀୟ ରାଜପଥର ପିତାପଲି ନିକଟ ରାସ୍ତା କଡରେ ରହିଥିବା ଏକ ଟ୍ରକକୁ ପଛରୁ ପିଟିଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ମୃତକଙ୍କୁ ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନରୁ ଉଦ୍ଧାର କରିଥିଲେ । ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପରେ ଆଦର୍ଶ ଥାନା ପୋଲିସ ପହଁଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ବିଲକୁ ଓଲଟିଲା ସୀମା ସୁରକ୍ଷା ବଳ ଗାଡି, ୬ ଯବାନ ଆହତ

ଖୋର୍ଦ୍ଧା, ୨୧ ।୩(ପି.ଏନ): ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ସୀମା ସୁରକ୍ଷା ବଳର ଏକ ଗାଡି ଯବାନମାନଙ୍କୁ ନେଇ ଛତିଶଗଡ଼ ଅଭିମୁଖେ ଯାଉଥଲା। ତେବେ ଆଜି ପୂର୍ବାହ୍ନରେ ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ନିକଟରେ ଭାରସାମ୍ୟ ହରାଇ ଏହା ଚାଷ ଜମିକୁ ଓଲଟି ପଡ଼ିଥିଲା ।ସେନା ବାହିନୀ (ଆଇଟିବିପି)ର ଏହି ଗାଡିଟି ଓଲଟିବା ଫଳରେ ସେଥିରେ ଥିବା ଯବାନଙ୍କ ମଧ୍ୟରୁ ୬ ଜଣ ଯବାନ ଆହତ ହୋଇଥିବା ଜଣାପଡିଛି। ଆହତ ଯବାନ ମାନଙ୍କୁ ନିକଟସ୍ଥ ବୋଲଗଡ଼ ମେଡ଼ିକାଲରେ ଭର୍ତି କରାଯାଇଛି।

## ଶିଶୁ ଗାଏବ ଘଟଣାର ପର୍ଦ୍ଦାଫାଶ, ମହିଳାଙ୍କ ମିଛ ଧରାପଡ଼ିଲା

ମାଲକାନଗିରି, ୨୧ ।୩(ପି.ଏନ): ସ୍ୱାମୀଙ୍କୁ ଗର୍ଭବତୀ ଥିବା କହି ନାଟକ କରୁଥିଲେ ପତ୍ନୀ । ଏପରିକି ହସପିଟାଲରେ ଛୁଆ ଚୋରି ହୋଇଥିବା ଅଭିଯୋଗ ବି କରିଥିଲେ। ଶେଷରେ ଧରାପଡିଗଲା ମହିଳାଙ୍କ ମିଛ । ଅଭିଯୋଗ ଆସିଛି ମାଲକାନଗିରିରୁ । ମାଥିଲି ବ୍ଲକ୍ ବିରେନପାଲିର କୌଶଲ୍ୟା ଭୂୟାଁ ଗର୍ଭବତୀ ଥିବା ମିଛ ବାହାନା କରି ପ୍ରତିମାସରେ ଏଏନଏମଙ୍କ ପାଖକୁ ଯାଉଥିଲେ । ଏପରିକି ଗର୍ଭବତୀ କାର୍ଡ କରି ସମସ୍ତ ସରକାରୀ ସୁବିଧା ପାଉଥିଲେ । ଗତକାଲି ତାଙ୍କୁ ହସପିଟାଲରେ ଭର୍ତି କରାଯିବା ବେଳେ ଚେକ୍ ଅପ୍ ସମୟରେ ସେ ଗର୍ଭବତୀ ନଥିବା ଜଣାପଡିଥିଲା । ହେଲେ ଏତିକିରେ ନାଟକ ସରିନଥିଲା । ତାଙ୍କ ଛୁଆକୁ ଗାଏବ୍ ହୋଇଥିବା ଅଭିଯୋଗ କରିଥିଲେ। ହସପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଆଗରେ ସତ ମାନିଯାଇଥିଲେ ମହିଳା । ସିଡିଏମଓ କହିଛନ୍ତି, ୨୦୧୭ରୁ ସଂପୃକ୍ତ ମହିଳାଙ୍କ ଫ୍ୟାମିଲି ପ୍ଲାନିଂ ଅପରେସନ ହୋଇସାରିଛି । ତେବେ ପୁରା ଘଟଣାରେ ଏଏନଏମଙ୍କ ସଂପୃକ୍ତି ସାମ୍ନାକୁ ଆସୁଥିବାରୁ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିଡିଏମଓ କହିଛନ୍ତି । ଏପରି ଘଟଣା ସମ୍ପୃକ୍ତ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଘଟଣାକୁ ନେଇ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଉଛି । ସମ୍ପୃକ୍ତ ମହିଳାଙ୍କୁ ଏନେଇ ପଚରାଉଚରା କରୁଛି ପୋଲିସ ।

## ରାଉରକେଲାରେ ନାମୀ ଦାମୀ କମ୍ପାନୀର ନକଲି ଇଞ୍ଜିନ ଅଏଲ ବିକ୍ରି ଚାଲିଛି, ୧ ଗିରଫ

ରାଉରକେଲା, ୨୧ ।୩(ପି.ଏନ): ରାଉରକେଲା ସହରର ନାଲା ରୋଡ ଅଁଚଳରେ ଜଣେ ଯୁବକ ବଜାରରେ ବିକା ଚାଲିଥିବା ନାମୀ ଦାମୀ ଗାଡି ଇଂଜିନ ଅଏଲକୁ ନକଲି କରି ବଜାରକୁ ଛାଡି ଲୋକଙ୍କୁ ଠକିବା ସହ ଏହାର କାରବାର ସମଗ୍ର ଜିଲ୍ଲା ସମେତ ଆଖ ପାଖ ରାଜ୍ୟକୁ ବିଛାଇ ଦିର୍ଘ ଦିନ ହେବ ଲୋକଙ୍କୁ ଠକି ଚାଲିଥିଲା ଓ ଆଜି ପୁଲିସ କୌଣସି ସୂତ୍ରରୁ ଖବର ପାଇ ସଂପୃକ୍ତ ଯୁବକକୁ ଗିରଫ କରିଥିବା ଜଣାପଡିଛି । ସଂପୃକ୍ତ ଯୁବକ ଜଣକ ହେଲା ତସଲିମ ଆରିଫ (୩୮)। ତାର ଘର ନାଲା ରୋଡ ଅଁଚଳରେ । ଏହି ଯୁବକ ଠାରୁ କାଷ୍ଟ୍ରୋଲ, ସରଭୋ, ହିରୋ, ହୁଣ୍ଡା, ଆକ୍ଟିଭା ଆଦି କଂପାନୀର ଖାଲି ବୋତଲ ଜବତ କରାଯାଇଛି । ଏସବୁକୁ ସେ ଯୋଗାଡ କରି ସେଥିରେ ନକଲି ଇଁଜିନ ଅଏଲ ଭର୍ତି କରି ତାକୁ ସିଲ କରି ସେଥିରେ କଂପାନୀର ନକଲି ସିଲ ଦେଇ ବଜାରକୁ ଛାଡି ବେପାର ଚଳାଇଥିଲା । ଏହି କାରବାର ସେ ତାର ନିଜର ନାଲା ରୋଡ ବାସଭବନରେ ଚଳାଇଥିଲା । ପୁଲିସ ଏନେଇ ଖବର ପାଇ ଚଢଉ କରିବାରୁ ନାମୀ ଦାମୀ କଂପାନୀ ଗୁଡିକର ନକଲି ତେଲ ବୋତଲ ସାଂଗକୁ ଖାଲି ବୋତଲ, ଏଥିଲାଗି ଦରକାର ହେଉଥିବା ଆବଶ୍ୟକୀୟ ସାମଗ୍ରୀ, ସିଲ, ଲେବୁଲ, ସିଲ ମେସିନ ଆଦିକୁ ଜବତ କରିଛି ।ବଜାରରେ ଏଭଳି ତେଲକୁ ନେଇ ଲୋକଙ୍କ ଭିତରେ ଦିର୍ଘ ଦିନରୁ ସନ୍ଦେହ ଥିବା ବେଳେ ଏସବୁକୁ କିଛି ମେକାନିକ ଓ କିଛି ବଦନାମ ଗାଡି ଦୋକାନୀ ବିକ୍ରୀ ଚଲାଇଥିଲେ । ବଜାରରେ ଏହି କାରବାର ଆଜି ନୁହେଁ ଦିର୍ଘ ବର୍ଷ ବର୍ଷ ଧରି ଚାଲୁଥିଲା ବୋଲି ଆଲୋଚନା ଚାଲିଥିଲେ ମଧ୍ୟ ବିଳମ୍ବରେ ହେଉ ପଛେ ପୁଲିସ ଏହି ରାକେଟକୁ ଧରିଛି । ସହରରେ ଖାଲି ଏହି ଯୁବକ ନୁହେଁ ଏଭଳି କାରବାରରେ ଆହୁରି ଅନେକ ସାମିଲ ରହି ନାମି ଦାମୀ କଂପାନୀ ତେଲକୁ ନକଲି ଲରି ବିକିବା ସହ ଲୋକଙ୍କୁ ଭ୍ରମରେ ପକାଇ ଚାଲିଛନ୍ତି । ପୁଲିସ ଏହି ମାମଲାରେ ଜଣକୁ ଗିରଫ କରିଥିବା ବେଳେ ଅନ୍ୟ ମାନେ କିଏ ସେମାନଙ୍କୁ କେବେ ଗିରଫ କରାଜିବ ସେନେଇ ଉଠିଛି ପ୍ରଶ୍ନ ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ




ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ






ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ/ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା। ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁରଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହାଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଳିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ।



ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଳିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହାସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ଉରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି। ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହାସହ ଏଠାରେ ଅବସ୍ଥିତ ବହୁତଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦରମାନଙ୍କରୁ ମାଲବାହୀ ଦ୍ରବ୍ୟମାନ ରପ୍ତାନି ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର [illegible] ଆଚେନ ଓ [illegible] ବାଣିଜ୍ୟ [illegible], ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗିଜ, ଓଲନ୍ଦାଜ, ଦାନେମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ିଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ବହୁ ବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କ ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦରଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।

ଏହାର ସ୍ମାରକୀ ସଦୃଶ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାଚାରରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି। ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କରିବାକୁ ନଦୀ ଓ ସମୁଦ୍ରଗୁଡ଼ିକୁ [illegible] ବୋଇତ ଭସାଇ ଆଲୋକିତ କରିଥାନ୍ତି। କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ। ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବଣିଜାରର ଏକ ପ୍ରତୀକ। ଘରକୁ ଧନସମ୍ପଦ ଧରି ଫେରୁଥିବା ସାଧବମାନଙ୍କର ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି। ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧ କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି। ପ୍ରକୃତପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହାସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହାସହ ଚୀନ ପରିବ୍ରାଜକ ମେଗାସ୍ଥିନିସ୍ କହନ୍ତି-ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲିଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ-ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ବହୁ ଉନ୍ନତଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଳାଇ (ଘଣ୍ଟଶିଳା), ପିଟୁଣ୍ଡ (ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର)



ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ପର୍କ-୮୮୯୫୧୪୧୭୨୭

# ଆଧ୍ୟାତ୍ମିକ ଆଲୋଚନାରେ ତୁଳସୀ ବିବାହ

ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା। ବୃନ୍ଦା ଥିଲା ଜଣେ ପତିବ୍ରତା ମହିଳା। ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ, ତାର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ। ଫଳରେ ତାକୁ ହରାଇବା ସହଜସାଧ୍ୟ ହୋଇପଡ଼ିବ। ଶେଷରେ ଶ୍ରୀହରି ବିଷ୍ଣୁ ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ। ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା। ଫଳରେ ତାର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡିବ ଏବଂ ପତ୍ନୀବିୟୋଗ ସହିବାକୁ ହେବ। ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା।



ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା ତୁଳସୀ ନାମରେ ପୂଜା ପାଇବାକୁ ଲାଗିଲେ। ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀରେ ଭାରତର ଅଧିକାଂଶ ଅଞ୍ଚଳରେ ତୁଳସୀ ବିବାହ ପାଳିତ ହୁଏ। ହିନ୍ଦୁ ପୁରାଣ ଅନୁଯାୟୀ ତୁଳସୀ ହେଉଛନ୍ତି ବିଷ୍ଣୁପ୍ରିୟା। ତୁଳସୀ ପତ୍ର ବିନା ବିଷ୍ଣୁ ପୂଜନ ସଂପୂର୍ଣ୍ଣ ହୁଏନାହିଁ। ହିନ୍ଦୁଧର୍ମ ଅନୁଯାୟୀ ଦୁହେଁ ପତି-ପତ୍ନୀ। ଏହି ଦିନରେ ସାଧାରଣତଃ ବିଷ୍ଣୁ ପ୍ରତିମା ବା ଶାଳଗ୍ରାମ ସହ ତୁଳସୀ ପତ୍ର ମଧ୍ୟରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ଜଳନ୍ଧର ରାକ୍ଷସର ପତ୍ନୀ ବୃନ୍ଦା ଥିଲେ ଅତ୍ୟନ୍ତ ପତିବ୍ରତା। ତେଣୁ କେହି ଜଳନ୍ଧରକୁ ପରାଜିତ କରିପାରୁ ନଥିଲେ। ଦେବଗଣ ବାରମ୍ବାର ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ। ବୃନ୍ଦାଙ୍କ ପତିବ୍ରତା ଧର୍ମ ନ ଭାଙ୍ଗିଲେ ଏହା ସମ୍ଭବ ନଥିଲା। ଏହି କାମଟିକୁ ବିଷ୍ଣୁ ତୁଲାଇଲେ ଏବଂ ପରିଣାମସ୍ୱରୂପ ରଣାଙ୍ଗନରେ ଜଳନ୍ଧର ନିହତ ହେଲା। ବୃନ୍ଦା ଏହା ଜାଣିବା ପରେ ମୃତ୍ୟୁଲୋକରେ ଜନ୍ମ ହେବା ପାଇଁ ଭଗବାନଙ୍କୁ ଅଭିଶାପ ଦେବା ସହ ଅଗ୍ନିରେ ନିଜକୁ ଝାସ ଦେଇ ସତୀ ହୋଇଥିଲେ। ସେହି ସ୍ଥାନରେ ଜନ୍ମ ହୋଇଥିଲା ତୁଳସୀ ଗଛ। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ କଳାପଥର ପାଲଟିବାକୁ ସେ ଶାପ ଦେଇଥିଲେ। ଆଉ ପଥର ସହ ତାଙ୍କର ବିବାହ କରାଇବା ପାଇଁ ଭଗବାନ ବର ଦେଇଥିଲେ। ଯେଉଁ ମଣିଷ ତୁଳସୀ ସହ ଶାଳଗ୍ରାମର ବିବାହ କରାଇବେ, ତାଙ୍କୁ ପରମ ଧାମ ପ୍ରାପ୍ତି ହେବ। ଏହା ବିଷ୍ଣୁ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ପ୍ରତୀକାତ୍ମକ ବିବାହ।

**—ଶ୍ୟାମସୁନ୍ଦର ସାମଲ,** ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬/୮୨୮୦୯୬୩୨୮୩

# ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା



ଭୁବନେଶ୍ୱର ପିଏନ୍)-ଗତକାଲି ସକାଳ ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିନରେ ଫୁଲନଖରା ସ୍ଥିତ ଲଖେଶ୍ୱର ମନ୍ଦିର ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହେଲା। କଟକ ଜିଲ୍ଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ମହାପାତ୍ର ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହିତ ପଦଯାତ୍ରୀଙ୍କ ସହିତ ଯୋଡ଼ି ହୋଇ ପଦଯାତ୍ରା କରିଥିଲେ। ହଜାର ହଜାର କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପିର ବଜାର ସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ଶ୍ରୀ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା ଯେତେ ଆଗକୁ ଆଗକୁ ଯାଉଥିଲା ଜନସମାଗମ ସେମିତି ବଢ଼ି ବଢ଼ି ଚାଲିଥିଲା। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀ ଠାରେ ଶ୍ରୀ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁର ଠାରେ ମଧ୍ୟାହ୍ନ ଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକଠାରେ ପଂହଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷହେଲା। ରାସ୍ତାରେ ଶ୍ରୀ ପଟ୍ଟନାୟକ ସଂଖ୍ୟାଲଘୁ ସଂପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବୀ, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ଭାରତ ଯୋଡ଼ ପରିବର୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାର ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ୮ବର୍ଷର ଏକ କଳଙ୍କିତ, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧି ସରକାର ବିରୁଦ୍ଧରେ ଜନସଚେତନତା କରିବା। ଏ ରାଜ୍ୟର ଯୁବକ ଆଜି ଦିଶାହୀନ। କୃଷକ, ଶ୍ରମିକ, ସ୍ୱଳ୍ପଆୟକାରୀ ବର୍ଗ, ମଧ୍ୟବିତ ଆୟକାରୀ ବର୍ଗ ଉପେକ୍ଷିତ ଓ ଅତ୍ୟାଚାରିତ। ମହିଳାମାନେ ଆଜି ଅସୁରକ୍ଷିତ। ହଜାର ହଜାର ସଂଖ୍ୟାର ଲୋକ ଆଜି ଦାଦନ ଖଟିବାକୁ ଯାଉଛନ୍ତି। ୨୨ ବର୍ଷରେ ଗୋଟିଏ ବି କୃଷିଭିର୍ତିକ ଶିଳ୍ପ ହୋଇପାରିଲା ନାହିଁ। କେବଳ ଗଣମାଧ୍ୟମରେ ବଂଚିବା ପାଇଁ ଶହ ଶହ ଏମଓୟୁ ଦସ୍ତଖତ କରାଯାଉଛି କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଫଳବତୀ ହେଲା ନାହିଁ। କୃଷକର ଆୟ ଦ୍ୱିଗୁଣିତ କରିବାପାଇଁ ୨୦୧୨ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହେଲା ନାହିଁ ସତ ୨୦୨୨ ବେଳକୁ ଆମ ରାଜ୍ୟର କୃଷକର ଆୟ ସାରା ଭାରତବର୍ଷର ସର୍ବନିମ୍ନ ହେଲା ଏହା ହେଉଛି କୃଷକମାନଙ୍କ ପ୍ରତି ନିଷ୍ଠା ଓ ଦାୟିତ୍ୱ। ବାସହୀନଙ୍କୁ ଗୃହଉପଯୋଗୀ ଜମି ଓ ବାସହରାଙ୍କ ମୁଣ୍ଡ ଗୁଂଜିବା ପାଇଁ ସମସ୍ତଙ୍କୁ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜିବି ଲକ୍ଷ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ନାହିଁ। ସବୁ ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରତିଶ୍ରୁତିରେ ରହିଯାଉଛି। ମାଳ ମାଳ ଯୋଜାନ କିନ୍ତୁ ଫଳ କିଛି ନାହିଁ। ଖାଉଟି ମୁଦ୍ରାସ୍ଫୀତି ଆଜି ୭.୪୧ରେ ପଂହଚିଲାଣି। ମହଙ୍ଗାମାଡ଼ରେ ଓଡ଼ିଶା ଲୋକଙ୍କ ଅଂଟା ଭାଙ୍ଗିଗଲାଣି। ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକା ଅନୁସାରେ ଭାରତର ସ୍ଥାନ ଆଜି ୧୦୭, ୧୨୨ ରାଷ୍ଟ୍ର ମଧ୍ୟରୁ। ବେରୋଜଗାର ୪୫ ବର୍ଷର ରେକର୍ଡକୁ ଅତିକ୍ରମ କରିସାରିଛି। ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନରେ ଆଜି ୮୨.୭୯ ପଇସାରେ ପଂହଚିଲାଣି। ତଥାପି ନରେନ୍ଦ୍ର ମୋଦି ବିଶ୍ୱଗୁରୁ ବୋଲି ବୋଲାଉଛନ୍ତି। ଏହି ଦୀର୍ଘ ୮ବର୍ଷ ଧରି ଆତ୍ମପ୍ରଚାର ଓ ଭାରତକୁ ହିଂସା, ଦ୍ୱେଷ, ଘୃଣା, ସାଂପ୍ରଦାୟିକତା ସୃଷ୍ଟି କରି ଭାରତକୁ ଭାଗ ଭାଗ କରିବା ଛଡ଼ା ଅନ୍ୟ କିଛି କରାଯାଇନାହିଁ। କଂଗ୍ରେସ ଏ ଦେଶର ମୂଳ ଓ ଜନସାଧାରଣଙ୍କର ବଳ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବା ଜେନା, ସନ୍ତୋଷ ସିଂ ସାଲୁଜା, ଭୂଜବଳ ମାଝୀ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତିରଂଜନ ଲେଙ୍କା, ଯାସିର ନୱାଜ, ନକୁଳ ନାୟକ, ବିଭୁତି ମିଶ୍ର, ବିଶ୍ୱଜିତ ଦାଶ, କିଶୋର ଜେନା, ବାଙ୍କନିଧି ବେହେରା, ସନତ ଦାସ, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଆଲୋକ ଲେଙ୍କା, ଅନିଲ ବେଉରା, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, କାବୁ ମହାନ୍ତି, ଆକୁଉବ ଖାନ, ଦେବ ମହାନ୍ତି, ବିନୁ ପାଣି, ବିଶ୍ୱ ମହାନ୍ତି, ମଧୁମିତା ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ବିଶ୍ୱଭୂଷଣ ମହାପାତ୍ର, ନଳିନିକାନ୍ତ ନାୟକ, ରଣଜିତ ସେନାପତି, ବିଭୁତିଭୂଷଣ ମହାପାତ୍ର, ଡ. ବିପ୍ଳବ ଶିଳାଦିତ୍ୟ, ଅନ୍ନପୂର୍ଣ୍ଣା ସାହୁ, ମନୋଜ ବିଶ୍ୱାଳ, ଶିଶିର ରଥ, ସଚ୍ଚିଦାନନ୍ଦ ରାଉତ, ପ୍ରିୟଜିତ ରାୟ, ରାଜୁ ସ୍ୱାଇଁ, ଶୋଭା ସିଂ, ବିଶ୍ୱନାଥ ଶତପଥି, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ଚନ୍ଦ୍ରଶେଖର ସାହୁ, ଉତମ ବେହେରା, ମାନସ ନାୟକ, ରାଜୀବ ମହାନ୍ତି, ନିରଂଜନ ଦାସ, ବିଶ୍ୱ ସାହୁ, ସୁଶ୍ରୀ କଳ୍ପନା ରାଉତରାୟ, କର୍ପୋରେଟ, ଜେ କାମାଶ ରାଓ, ହିଂମାଶୁ ରାଉତ, ଅଶୋକ ସାହୁ, ସେକ ଜାଫର, ବାବୁ ରାଓ, ରାଜଶ୍ରୀ ମିଶ୍ର, ଦଳି ମାଝୀ, ସମରେନ୍ଦ୍ର ହାତି, ଉଗ୍ରସେନ ଭୂଆଁ, ପ୍ରଭାତ ଭୂୟାଁ, ରାମଚନ୍ଦ୍ର ଗୋଛାୟତ, ଅଭିଷେକ ମହାନ୍ତି, ଦୀପକ ମହାପାତ୍ର, ଏମଡି ଶାହାଦୁଲ୍ଲା, ମନୋଜ ସାହୁ, ଶ୍ରୀଯାସ୍ମିତା ପଣ୍ଡା, ଦୁର୍ଗା ପାଢ଼ୀ, ଆଶିଷ ମଲ୍ଲିକ, ମୋହନ ଜେନା, ଅଶୋକ ଦାସ, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପ୍ରତାପ ସିଂ, ମାନସ ସେଠୀ, ସେକ ତାକଓ୍ୱିନ, ପୁଷ୍ପିତା ଦାସ, ଦିପ୍ତିରାଣୀ ପ୍ରଧାନ, ଜୟଶ୍ରୀ ପାତ୍ର, ପ୍ରଶନ୍ନ ନାୟକ, ପ୍ରଣତି ମିଶ୍ର, ସିଲି ସେଠୀ ପ୍ରମୁଖ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୨୨

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ। ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥେରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରସା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*

# ବାସନ୍ତୀ ନବରାତ୍ରି, ଦୁର୍ଗାପୂଜା ଓ ଚଇତି ଘୋଡ଼ାନାଚ



ବିପିନ ବିହାରୀ ରାଉତ

ବର୍ଷରେ ଦୁଇଥର ଦୁର୍ଗାପୂଜା ପାଳନ କରାଯାଏ। ଶରତ ଋତୁରେ ଆଶ୍ୱିନ ଶୁକ୍ଳ ପକ୍ଷରେ ହେଉଥିବା ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ। ଆଉ ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପକ୍ଷରେ ବାସନ୍ତୀ ଦୁର୍ଗାପୂଜା ପାଳିତ ହୁଏ। ବାସନ୍ତୀ ଦୁର୍ଗା ସଂହାରକାରିଣୀ ନୁହନ୍ତି ସେ ଅନ୍ନଦାତ୍ରୀ ମାତା। ତାଙ୍କୁ ଧରଣୀ ମାତା ଭାବେ କଳ୍ପନା କରାଯାଇଛି। ଧରଣୀ ମାତାଙ୍କର ବୟଃପ୍ରାପ୍ତିରେ ଉତ୍ଫୁଲ୍ଲିତ ମଣିଷ ସେଇଁ ପୁରୁଣା କାଳରୁ ବାସନ୍ତୀ ଦୁର୍ଗା ପୂଜା ପାଳନ କରିଆସୁଥିବା ଜଣାଯାଏ। ପୁରାଣ ଅନୁଯାୟୀ ଦୁର୍ଗାପୂଜା ବସନ୍ତ ଋତୁ କାଳୀନ ଉତ୍ସବ। ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ ଏହା ଥିଲା ମୁଖ୍ୟ ଦୁର୍ଗାପୂଜା, ଏଣୁ ପ୍ରାଚୀନତମ। ମହାପରାକ୍ରମୀ ଲଙ୍କାନରେଶ ରାବଣଙ୍କୁ ନିଧନ କରିବା ପାଇଁ ଲଙ୍କା ଯୁଦ୍ଧ ପୂର୍ବରୁ ଶ୍ରୀରାମ ଆଦ୍ୟାଶକ୍ତି ମାତା ଦୁର୍ଗାଙ୍କୁ ଆବାହନ କରିଥିଲେ। ମାତା ପ୍ରସନ୍ନ ହେଲେ ତାଙ୍କୁ ଆଶୀର୍ବାଦ ଦେବା ପରେ, ସେ ଯୁଦ୍ଧକୁ ବାହାରିଥିଲେ। ତାହା ଥିଲା ଶରତ ଋତୁ। ତେଣୁ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ। ଶ୍ରୀରାମ ଅସମୟରେ ଦୁର୍ଗାପୂଜା କରିଥିବାରୁ ଏହାକୁ ଅକାଳ ବୋଧନ ମଧ୍ୟ କୁହାଯାଏ। ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜାର ରୀତି-ନୀତି ପ୍ରାୟ ଏକା ଭଳି। ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ଜାମ୍ମୁ-କାଶ୍ମୀରରେ ବାସନ୍ତୀ ଦୁର୍ଗାପୂଜା ମହା ଆଡ଼ମ୍ବରରେ ପାଳନ କରାଯାଏ। ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମୟରେ ନଅଦିନ ନବରାତ୍ରି ବ୍ରତ ପାଳନ କରନ୍ତି। ପଞ୍ଜାବ ଏବଂ ହରିୟାଣାରେ ଛୋଟ ଝିଅଙ୍କୁ ଦୁର୍ଗାଙ୍କ ଭଳି ସଜାଇ ପୂଜା କରାଯାଏ। ଏହି ମାନବୀ ଦୁର୍ଗାଙ୍କୁ କଞ୍ଜକ କୁହାଯାଏ। ଚଳିତ ବର୍ଷ ବାସନ୍ତୀ ନବରାତ୍ରି ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହେଉଛି।

ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ପାଳନ ହୋଇ ଆସୁଛି। ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରରେ ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମିତ ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ। କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇବା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢୋଲକିଆ ବାଜା ବଜାଏ ଓ ରାଉତ ସହିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା' ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୋଇ ଘୋଡ଼ା ନାଚ ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କେବିର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩

# ଆତ୍ମହତ୍ୟାରେ ଭାରତର ରେକର୍ଡ଼



ଡାକ୍ତର ସମ୍ରାଟ କର

ପୃଥିବୀର ଯେକୌଣସି ଅନ୍ୟ ଦେଶ ଅପେକ୍ଷା ଭାରତରେ ଅଧିକ ଆତ୍ମହତ୍ୟା ହେଉଛି। ଉଦ୍‌ବେଗର ବିଷୟ ଯେ ଗତ କିଛିବର୍ଷ ଭିତରେ ଏହାର ହାର ବଢ଼ି ଚାଲିଛି। ଏହାର ସଂଖ୍ୟା ଉଭୟ ପୂର୍ଣ୍ଣ ତଥା ଆପେକ୍ଷିକ ଦୃଷ୍ଟିକୋଣରୁ ଅଧିକ। ଲାନସେଟିଂ ପତ୍ରିକାରେ ପ୍ରକାଶିତ ଏକ ଅନୁଧ୍ୟାନ ଅନୁସାରେ ଭାରତରେ ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ରହୁଥିବା ବେଳେ ପୃଥବୀରେ ମହିଳା ଆତ୍ମହତ୍ୟାର ୩୭ ପ୍ରତିଶତ ଓ ପୁରୁଷ ମାନଙ୍କ ମଧ୍ୟରେ ହେଉଥିବା ଆତ୍ମହତ୍ୟାର ୨୪ ପ୍ରତିଶତ ଏ ଦେଶରେ ଘଟୁଛି। ଅର୍ଥାତ୍ ପୃଥିବୀରେ ଆତ୍ମହତ୍ୟା କରୁଥିବା ପ୍ରତି ୩ଜଣ ମହିଳାଙ୍କ ମଧ୍ୟରୁ ଜଣେ ଓ ପ୍ରତି ୪ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ହେଲେ ଭାରତୀୟ। ଏହି ଅନୁଧ୍ୟାନରେ ଭାରତ ସରକାର ଓ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ତଥା ଚିକିତ୍ସା ଅନୁଷ୍ଠାନଗୁଡ଼ିକ ସାମିଲ ଥିଲେ। ଏ ଦୃଷ୍ଟିରୁ ପ୍ରକାଶିତ ତଥ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଫଳାଫଳରୁ ଦେଖାଯାଉଛି ଯେ ପୁରୁଷଙ୍କ ଆତ୍ମହତ୍ୟା ହାର ଉଚ୍ଚ ଥିବାବେଳେ ତାହାଠାରୁ ଅଧିକ ହେଲା ମହିଳା ଆତ୍ମହତ୍ୟା ହାର। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ବନ୍ଦ କରିବା ପାଇଁ ସମ୍ମିଳିତ କାମ କରିବା'। ଆତ୍ମହତ୍ୟା ଏକ ମନସ୍ତାତ୍ତ୍ୱିକ ତଥା ସମାଜ ବିଜ୍ଞାନ ସମ୍ପର୍କିତ ପ୍ରସଙ୍ଗ। ଏହା ଏକ ସ୍ୱାସ୍ଥ୍ୟଗତ ଚ୍ୟାଲେଞ୍ଜ। ଏହି ସମସ୍ୟାରେ ଲିଙ୍ଗଗତ ତାରତମ୍ୟକୁ ଦେଖିଲେ ଜଣାପଡୁଛି ଯେ ଭାରତୀୟ ମହିଳାଙ୍କ ମଧ୍ୟରେ ନିଜ ଜୀବନ ନେବାର ବିପଜ୍ଜନକ ଆକର୍ଷଣ ଅଧିକ। ଏହା ହୁଏତ ଲିଙ୍ଗଗତ ନ୍ୟୁନସ୍ଥିତ ଓ ମହିଳା ବିରୋଧୀ ପାତରଅନ୍ତର ସମସ୍ୟା ଯୋଗୁଁ ଉପୁଜୁଥାଇପାରେ। ବିକୃତିଯୁକ୍ତ ନିର୍ଯାତନା, ଘରୋଇ ହିଂସା, ଅର୍ଥନୈତିକ ସୁଯୋଗ ଓ ସ୍ୱାଧୀନତାର ଅଭାବ, ଚିକିତ୍ସା ସୁବିଧା ନମିଳିବା ବିଶେଷ ଭାବରେ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚିକିତ୍ସା ଓ ପରାମର୍ଶର ଅଭାବ ଆଦି କାରଣ ମହିଳାଙ୍କ ପାଇଁ ଜୀବନକୁ ଅଧିକ ଦୁର୍ବିସହ କରୁଥାଇପାରେ। ଏପରିକି ମହିଳାଙ୍କର ଶିକ୍ଷା ଓ ଅର୍ଥନୈତିକ ସ୍ୱାଧୀନତାରେ ପ୍ରଗତି ସତ୍ତ୍ୱେ ସାମାଜିକ ଓ ପାରିବାରିକ ପକ୍ଷପାତିତା ତଥା ଅତ୍ୟାଚାର ଅବ୍ୟାହତ ରହୁଛି। ଏଣୁ ମହିଳାଙ୍କ ପାଇଁ ସବୁଶ୍ରେଣୀରେ ଜୀବନର ସ୍ଥିତି ଅସମାନ। ବିବାହିତା ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବେଶୀ। କାରଣ ସେମାନେ ବୈବାହିକ ଜୀବନରେ ବେଶୀ ଅଶାନ୍ତି ଭୋଗୁଛନ୍ତି। ପୁରୁଷଙ୍କ ଅପେକ୍ଷା ସେମାନଙ୍କ ଲାଗି ବେଶୀ ପାରିବାରିକ ସମସ୍ୟା ରହୁଛି। ଦେଶରେ ୧୫ରୁ ୩୯ ବର୍ଷର ମହିଳାଙ୍କ ମଧ୍ୟରେ ଆତ୍ମହତ୍ୟା ଅଧିକ ସାଧାରଣ। ଅନ୍ୟ ବୟସ ଶ୍ରେଣୀ ଅପେକ୍ଷା ବିବାହିତ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ହାର ଅଧିକ। ବିଶ୍ୱରେ ୧୯୯୦ ଦଶକରେ ଯେତିକି ଆତ୍ମହତ୍ୟା ହେଉଥିଲା ସେଥିରେ ମହିଳାଙ୍କ ଅଂଶ ୨୫.୩ ପ୍ରତିଶତ ଥିଲା। ୨୦୨୨ରେ ତାହା ୩୯.୮ ପ୍ରତିଶତକୁ ବୃଦ୍ଧି ପାଇଛି। ତାର ଅର୍ଥ ସମଗ୍ର ପୃଥିବୀରେ ମହିଳା ଆତ୍ମହତ୍ୟା ବଢୁଛି। ଏହାର ଅନ୍ୟ ଏକ ଅର୍ଥ ଦେଖିବାକୁ ଗଲେ ଏହି ସମୟ ଭିତରେ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇଥିବା ସତ୍ତ୍ୱେ ମହିଳାଙ୍କ ଦୁଃଖ ଓ ମୃତ୍ୟୁ ମଧ୍ୟ ବେଶୀ ହୋଇଛି। କୁହାଯାଇପାରେ ଯେ ଆର୍ଥିକ ପ୍ରଗତି ଯୋଗୁଁ ମହିଳାଙ୍କ ଉପରେ ଚାପ ବଢ଼ିଛି। ଏହି ସମୟ ଭିତରେ ପୁରୁଷ ପ୍ରଧାନ ଦୃଷ୍ଟିଭଙ୍ଗୀ କଠୋର ହେବା ସାଙ୍ଗକୁ ମହିଳାଙ୍କ ପ୍ରତି ନିର୍ଯାତନା ଅଧିକ ହୋଇଛି କି? ୨୦୧୭ରେ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି ଯେ ଭାରତରେ କର୍ମଜୀବୀ ଶ୍ରେଣୀରେ ମହିଳାଙ୍କ ସମ୍ପୃକ୍ତି ଗତ କିଛି ବର୍ଷ ଭିତରେ କମି ଆସିଛି। ବିଶ୍ୱସ୍ତରରେ ଏ କ୍ଷେତ୍ରରେ ଯେଉଁ ୧୩୧ଟି ଦେଶକୁ ନେଇ ସୂଚୀ ପ୍ରସ୍ତୁତ କରାଯାଇଛି ସେଥିରେ ଭାରତର ସ୍ଥାନ ୧୨୦। ତାର ଅର୍ଥ ଭାରତରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗ ନିଯୁକ୍ତି ଆକାରରେ ସଂକୁଚିତ ହୋଇଯାଇଛି। ଯେତିକି ନିଯୁକ୍ତି ସୃଷ୍ଟି ହେଉଛି ତାର ବିଶେଷ ଭାଗ ପୁରୁଷଙ୍କ ପାଖକୁ ଯାଉଛି। ପରିବାର ବା ସମାଜର ସମର୍ଥନ ଥିବା ପାରମ୍ପରିକ ଢ଼ାଞ୍ଚା ମଧ୍ୟ ଅର୍ଥନୈତିକ ପ୍ରଗତିର ଧାରାରେ ଦୁର୍ବଳ ହୋଇଗଲାଣି। ତାହା ମହିଳାଙ୍କ ପାଇଁ ବେଶୀ କ୍ଷତିକାରକ। ଆଗରୁ ମହିଳାମାନେ ଘରୁ ଆପାତତଃ ସୁରକ୍ଷା ପାଉଥିଲେ। ସମୟ ବଦଳୁଥିଲେ ବି ସେମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କ ପାଇଁ ଅର୍ଥନୈତିକ ସ୍ୱାଧୀନତାର ବ୍ୟବସ୍ଥା କରିବା ସହ ପରିବାର ବି ମହିଳାଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ଲୋଡ଼ା। ମହିଳା ଦୁର୍ବଳ ହୋଇଗଲେ ପରିବାର ତଥା ସମାଜର ସ୍ଥିତି ଖରାପ ହୋଇଯିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ବଜେଟ ପୂର୍ବରୁ ଭାରତରେ ଆର୍ଥିକ ଅଭିବୃଦ୍ଧ ହାର

**ସୁବାସ ଷଡଙ୍ଗୀ**

ନୂଆ ବର୍ଷ ସହିତ ଏବେ ଆର୍ଥିକ ବର୍ଷ ମଧ୍ୟ ଶେଷ ହେବାକୁ ଯାଉଛି। ଗତ ବର୍ଷର ଆର୍ଥିକ ବୃଦ୍ଧିହାରକୁ ଆଖି ଆଗରେ ରଖି ଆସନ୍ତା ବର୍ଷର ଆର୍ଥିକ କାରବାର ନେଇ ଆକଳନ କରିବା ଆରମ୍ଭ ହୋଇଛି। ଅର୍ଥନୈତିକ ବିଶେଷଜ୍ଞମାନଙ୍କ ମତ ହେଉଛି, ଚଳିତ ବର୍ଷ ଆର୍ଥିକ ବୃଦ୍ଧିର ସାତ ଶତାଂଶରୁ କମ ହେବ। ନୂଆ ବଜେଟ ପେଶ ହେବାକୁ ଆଉ ପ୍ରାୟ ଏକ ମାସ ସମୟ ରହିଲା। ଏଣୁ ନୂଆ ଆର୍ଥିକ ବର୍ଷର ଚିନ୍ତା ସଭିଙ୍କୁ। ପ୍ରଧାମନ୍ତ୍ରୀ ବାରମ୍ବାର କହିଆସୁଛନ୍ତି, ଆର୍ଥିକ ବୃଦ୍ଧିର ହାର ଦୁଇ ଅଙ୍କ ବିଶିଷ୍ଟ ହେବ। କିନ୍ତୁ ୨୦୧୯-୨୦ ଆର୍ଥିକ ବର୍ଷରେ ବୃଦ୍ଧିର ହାର ସାତ ଶତାଂଶ ଭିତରେ ରହିବ ବୋଲି ଆକଳନ କରିଛନ୍ତି, ଅର୍ଥନୈତିକ ଉପଦେଷ୍ଟାମାନେ। କିନ୍ତୁ ବର୍ଷ ଶେଷକୁ ଏହା ଚାରି ଶତାଂଶ ଭିତରେ ରହିବ ବୋଲି କୁହାଯାଉଛି। ଏହାପରେ ଆରମ୍ଭ ହେଲା ଭାରତୀୟ ଅର୍ଥନୀତି କେବେ ୫ ଟ୍ରିଲିୟନ ବା ୫ଲକ୍ଷ କୋଟି ଆମେରିକାନ ଡଲାରର ସୀମା ଛୁଇଁବ? ଏଥିପାଇଁ ଲକ୍ଷ ଧାର୍ଯ୍ୟ ହୋଇଥିଲା ୨୦୨୨-୨୩ ରୁ ୨୦୨୪-୨୫। କିନ୍ତୁ ଏବେ ଏହାକୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି। କୋଭିଡର ପ୍ରଭାବ ଯୋଗୁ ଆମର ଅର୍ଥନୈତିକ ଅଭିବୃଦ୍ଧି ପଛେଇ ଯାଇଛି ବୋଲି କୁହାଯାଉଛି, ଗତ ଅକ୍ଟୋବର ମାସରେ କୁହାଗଲା ୨୦୨୬-୨୭ ଆର୍ଥିକ ବର୍ଷରେ ୪.୯୫ ଟ୍ରିଲିୟନ ଆମେରିକାନ ଡଲାରରେ ଆମର ଅର୍ଥନୀତିକୁ ପହଂଚାଇବାକୁ ହେବ।ଉପରର ପରିସଂଖ୍ୟାନରୁ ଯଦି କେହି ମଧ୍ୟବର୍ତୀ ଚାରିବର୍ଷ ଭିତରେ ୪୨ ଶତାଂଶ ବୃଦ୍ଧି କଥା ଚିନ୍ତା କରିନିଅନ୍ତି,ତେବେ ଦ୍ୱନ୍ଦ୍ୱରେ ପଡିଯିବେ। କାରଣ ଏଇ ପରିସଂଖ୍ୟାନ ଡଲାରର ସାମ୍ପ୍ରତିକ ମାନକୁ ନେଇ ନିର୍ଦ୍ଧାରିତ। ଏହା ଭିତରେ ମୁଦ୍ରାସ୍ଫୀତି ରହିଛି। ୨୦୨୨ ମସିହାରେ ଆମେରିକାରେ ମୁଦ୍ରାସ୍ଫୀତିର ହାର ଥିଲା ୭ ଶତାଂଶ। ଯଦିଓ ଆମେରିକା ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟମାନ ହ୍ରାସ ପାଇଛି ପ୍ରାୟ ୧୧ ଶତାଂଶ। ସେଇ କାରଣରୁ ଯେତେବେଳେ ଅର୍ଥନୀତୀ ପ୍ରକୃତ ବୃଦ୍ଧିହାର ସାତ ଶତାଂଶ ତଳେ, ସେତେବେଳେ ଭାରତୀୟ ଟଙ୍କାର ବୃଦ୍ଧି ୧୪-୧୫ ଶତାଂଶ ହେବା ସ୍ୱାଭାବିକ।ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଗତ ଅକୋଟାବର ମାସରେ ବୃଦ୍ଧିର ହାର ୯ଶତାଂଶ ବୋଲି କହିଛି। ଅର୍ଥନୀତିରେ ଏତେ ସବୁ ପ୍ରତିବନ୍ଧକ ସତ୍ତ୍ୱେ, ଆମ ଆର୍ଥିକ ବୃଦ୍ଧିର ହାର ୬.୫ ଶତାଂଶ ରହିଛି। ଏହି ଧାରା ୧୯୯୨-୯୩ରୁ ଆରମ୍ଭ କରି ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ ଗତ ୨୮ ବର୍ଷ ଧରି ରହି ଆସିଛି। ଶେଷ ପର୍ଯ୍ୟାୟରେ କରୋନା ଦେଖାଦେଲା। ଏବେ ବି ବିଶ୍ୱର ଅନେକ ଦେଶରେ କରୋନାର ସଂକ୍ରମଣ ବଢି ଚାଲିଛି। ଯାହାଫଳରେ ଅର୍ଥନୀତି ଉପରେ ଏହାର ପ୍ରଭାବ ପଡୁଛି। ରୁଷିଆ- ୟୁକ୍ରେନ ଯୁଦ୍ଧର ପରିଣାମ କେବଳ ୟୁରୋପ ନୁହେଁ ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଚାଲିଛି। ଏଣୁ ଆମକୁ ସତର୍କ ରହିବାକୁ ହେବ। ତିନି ଦଶକ ପୂର୍ବେ ଅର୍ଥନୀତିରେ କୃଷିର ପ୍ରାଧାନ୍ୟକୁ ଆମେ ଗୁରୁତ୍ୱ ଦେଉଥିଲୁ। କୃଷିର ଭାଗିଦାରୀ ଥିଲା ୪୦ ଶତାଂଶ। ଏବେ ଏହା ପ୍ରାୟ ୧୭ ଶତାଂଶକୁ ଖସି ଆସିଛି। କାରଣ ଏବେ ଆମେ ବୈଷୟିକ ଉପରେ ଗୁରୁତ୍ୱ ଦେଉଛୁ। ଏଣୁ ନୂଆ ଅର୍ଥନୀତି ଆଡକୁ ଆମେ ମୁହାଁଇଛୁ। ନୀତି ନିର୍ଦ୍ଧାରଣ ଅନେକ ପରିବର୍ତନ ଆଣିପାରେ। ଶିକ୍ଷା ଓ କୃଷି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଏହା ଦ୍ୱରା ଅଧିକ କର୍ମସଂସ୍ଥାନ ସୃଷ୍ଟି ହେବ। କାରଣ ଜ୍ଞାନଦକ୍ଷତା ଆମ ଦେଶରେ ସବୁଠୁ ଅଧିକ। ଏପରିକି ଭିଏତନାମ ସହିତ ଏ କ୍ଷେତ୍ରରେ ଆମେ ସମାନ ହୋଇପାରିନୁ। ଆମର ଜନସଂଖ୍ୟା ଅଧିକ, କିନ୍ତୁ କ୍ରୟ କ୍ଷମତାରେ ଆମେ ମଧ୍ୟ ପଛରେ ପଡିଯାଇଛୁ। ତେଣୁ ଦକ୍ଷତାର ବିକାଶ ହେଲେ କର୍ମସଂସ୍ଥାନ ବଢିବା ସହିତ କ୍ରୟ କ୍ଷମତା ବଢ଼ିବ। ଆସନ୍ତା ବଜେଟରେ ଏହାର କିଛିଟା ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ଆଶା।

*ଓଡ଼ିଶାନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ-୯୪୩୯୬୫୨୩୨୨*

# ମା'ସରସ୍ୱତୀଙ୍କ ଆରାଧନା ପର୍ବ




ଜୟନ୍ତୀ ପଣ୍ଡା

ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ। ସେ ମୂଳସ୍ଥାନ ଅମୃତମୟ ପ୍ରକାଶପୁଞ୍ଜ ଅଟନ୍ତି। ଯେଉଁଠାରୁ ସେ ନିଜ ଉପାସକଙ୍କ ପାଇଁ ନିରନ୍ତର ୫୦ ଅକ୍ଷର ରୂପରେ ଜ୍ଞାନମୃତର ଧାରା ପ୍ରବାହିତ କରନ୍ତି। ତାଙ୍କର ତେଜ ଦିବ୍ୟ ଓ ଅପରିମେୟ। ତାଙ୍କୁ ଶବ୍ଦ ବ୍ରହ୍ମା ରୂପେ ପୂଜନ କରାଯାଏ। ସୃଷ୍ଟି କାଳରୁ ଈଶ୍ୱରଙ୍କ ଇଚ୍ଛାରେ ଆଦ୍ୟାଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରିଥିଲେ। ସେ ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ ରୂପରେ ପ୍ରକଟ ହୋଇଥିଲେ। ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣଙ୍କ କଣ୍ଠରୁ ଉତ୍ପନ୍ନ ହୋଇଥିବା ଦେବୀଙ୍କ ନାମ ସରସ୍ୱତୀ ରଖାଯାଇଥିଲା। ଶ୍ରୀମଦ୍‌ଭାଗବତ୍ ଓ ଶ୍ରୀଦୁର୍ଗା ସପ୍ତଶତୀରେ ଆଦ୍ୟାଶକ୍ତି ତିନି ରୂପରେ ବିଭକ୍ତ ହୋଇଥିବା ବର୍ଣ୍ଣିତ ଅଛି। ସେହି ତିନି ରୂପ ହେଉଛନ୍ତି ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ।

ଭଗବତୀ ସରସ୍ୱତୀ ସତ୍ତ୍ୱଗୁଣସମ୍ପନ୍ନ। ଏହାଙ୍କର ଅନେକ କାମ ରହିଛି। ଯେମିତିକି ବାକ୍, ବାଣୀ, ଗିରା, ଭାଷା, ଶରଦା, ବାବା, ବାଗୀଶ୍ୱରୀ, ବ୍ରାହ୍ମୀ, ସୋମଲତା ଓ ବାଗ୍‌ଦେବୀ ଇତ୍ୟାଦି। ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ। ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ। ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା। ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ୍ୟ କୁହାଯାଏ। ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତସ୍ତୋବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ ଲାଭ କରିହୁଏ। ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ। ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ। ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ।

*ଫରିଦାବାଦ, ହରିଆନା*

# ସିଗାରେଟ୍ ଟାଣୁଛନ୍ତି ଦୈନିକ ୬.୨୫ ଲକ୍ଷ ପିଲା



ଶୁଭଶ୍ରୀ ମିଶ୍ର

ବୟସ୍କଙ୍କ ତୁଳନାରେ ସ୍କୁଲ କଲେଜ ପଢୁଆ ପିଲାମାନଙ୍କ କ୍ଷେତ୍ରରେ ଧୂମପାନ ଉଦ୍ଦାମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବୟସ୍କମାନେ ଧୂମପାନରୁ ବିରତ ହେବାକୁ ଚେଷ୍ଟା କରୁଥିବା ବେଳେ ପାଠପଢ଼ୁଆ ପିଲାମାନେ କିନ୍ତୁ ଏ ଦିଗରେ ଅଧିକ ଉତ୍ସାହ ଦେଖାଉଛନ୍ତି। ଗ୍ଲୋବାଲ ଟବାକୋ ଆଟଲାସ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଚାଇଲ୍ଡ ଆଣ୍ଡ ଟବାକୋ - ଆନୁଆଲ ୨୦୨୩ର ଏହି ରିପୋର୍ଟ ସଦ୍ୟ ପ୍ରକାଶ ପାଇଛି। ଦେଶର ମୋଟ କିଶୋର କିଶୋରୀଙ୍କ ମଧ୍ୟରୁ ୬.୨୫ ଲକ୍ଷ ଏବେ ନିୟମିତ ଭାବେ ସିଗାରେଟ ଟାଣୁଥିବା ରିପୋର୍ଟ ଦର୍ଶାଇଛି। ଛାତ୍ରଛାତ୍ରୀମାନେ ଘରୁ ହାତଖର୍ଚ୍ଚ ପାଇଁ ନେଉଥିବା ଅର୍ଥରୁ ଘରଲୋକଙ୍କୁ ଲୁଚାଇ ସିଗାରେଟ କିଣୁଥିବା ବେଳେ ଦୋକାନୀମାନେ ମଧ୍ୟ ସେମାନଙ୍କୁ ଏସବୁ ଅନାୟାସରେ ବିକ୍ରି କରୁଛନ୍ତି। ଜଣେ ଅନ୍ୟଜଣଙ୍କୁ ଦେଖି ସିଗାରେଟ ପ୍ରତି ଅନୁରକ୍ତ ହେଉଥବା ସର୍ଭେ ରିପୋର୍ଟ ଦର୍ଶାଇଛି। ଦେଶରେ ପ୍ରତ୍ୟେକ ସପ୍ତାହରେ ଅନ୍ୟୁନ ୧୭,୮୮୭ ଜଣ ଧୂମପାନ ତଥା ଅନ୍ୟାନ୍ୟ ତମାଖୁ ସେବନ କାରଣରୁ ପ୍ରାଣ ହରାଉଥିବା ବେଳେ ଭବିଷ୍ୟପିଢ଼ୀ କୁହାଯାଉଥିବା କିଶୋରକିଶୋରୀଙ୍କ କ୍ଷେତ୍ରରେ ଏମିତି ଏକ ରିପୋର୍ଟ ବୁଦ୍ଧିଜୀବୀଙ୍କୁ ସମସ୍ୟାରେ ପକାଇଛି।

ରିପୋର୍ଟ ଅନୁସାରେ ୯କୋଟି ୩ଲକ୍ଷ ୪୨ ହଜାର ୯ଶହ ପୁରୁଷ ଧୂମପାନ କରୁଥିବା ବେଳେ ୧ କୋଟି ୩୪ ଲକ୍ଷ ୬୬ ହଜାର ୬ଶହ ମହିଳା ନିୟମିତ ଭାବେ ଧୂମପାନ କରୁଛନ୍ତି। ସେହିପରି ୧୭କୋଟି ୧୦ଲକ୍ଷ ୯୪ ହଜାର ୬ଶହ ବ୍ୟକ୍ତି ସିଗାରେଟ ଭିନ୍ନ ଅନ୍ୟାନ୍ୟ ତମାଖୁ (ଗୁଟ୍‌ଖା, ପାନ, ଖୈନୀ ଆଦି) ସେବନ କରୁଛନ୍ତି। ତେବେ ଧୀରେ ଧୀରେ ଏମାନେ ସ୍ୱାସ୍ଥ୍ୟ ସଚେତନ ହେଉଥିବା ବେଳେ କିଶୋର କିଶୋରୀ କିନ୍ତୁ ସୁଯୋଗ ମିଳିଲେ ଧୂମପାନ ତଥା ତମାଖୁ ସେବନ କରିବାର ବ୍ୟସ୍ତ ରହୁଛନ୍ତି। ବିଶେଷକରି ଇଂଞ୍ଜିନିୟରିଂ ପଢ଼ା ଛାତ୍ରଛାତ୍ରୀ କୋଡ଼ ୱାର୍ଡ଼ରେ ଦୋକାନୀଙ୍କ ଠାରୁ ସିଗାରେଟ କିଣୁଥିବା ଦେଖିବାକୁ ମିଳୁଛି। ସିଗାରେଟ ଓ ଗୁଟ୍‌ଖା ତମାଖୁ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ଏବେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ଫଳରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରି ବଜାରକୁ ସେମାନେ ଛାଡୁଛନ୍ତି। ହ୍ୟୁମାନ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସ ଅନୁଯାୟୀ ୨୦୨୨ରେ ଦେଶରେ ୮୪.୨୭ ବିଲିଅନ ସିଗାରେଟ ପ୍ୟାକେଟ ବିକ୍ରି ହୋଇଛି ଯାହାର ବିକ୍ରିମୂଲ୍ୟ ଆମେରିକୀୟ ଡଲାର ହିସାବରେ ୩୪୬ ବିଲିଅନକୁ (ଭାରତର ଜାତୀୟ ଆୟର ସର୍ବାଧିକ ୧୫%) ମଧ୍ୟ ବଳି ଯାଇଛି। ଅନ୍ୟପକ୍ଷେ ଭାରତରେ ସିଗାରେଟ ବିକ୍ରି ପରିମାଣ ଅର୍ଥ ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ମାତ୍ରାଧିକ ରହିଥିବାବେଳେ ଭାରତ ସରକାର ଏଥିରୁ ପର୍ଯ୍ୟାପ୍ତ ରାଜସ୍ୱ ଆୟ କରୁଥିବା ଆମେରିକାନ୍ କ୍ୟାନସର ସୋସାଇଟି ଦର୍ଶାଇଛି। ଏମିତି ଏକ ରିପୋର୍ଟ ଆସିବା ପରେ କେନ୍ଦ୍ର ତଥା ରାଜ୍ୟ ସରକାର ଏଥିରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ଆରମ୍ଭ ହୋଇଯାଇଛି।

କିଛି କଲେଜ ପଢୁଆ କେବଳ ଛାତ୍ର ନୁହଁନ୍ତି ଛାତ୍ରୀମାନେ ମଧ୍ୟ ଅନେକ ସମୟରେ ସିଗାରେଟ ଟାଣୁଥିବାର ଦେଖିବାକୁ ମିଳୁଛି। ଆଜିକାଲି ସର୍ବସାଧାରଣରେ ଧୂମପାନ ନିଷେଧ ହୋଇଥିଲେ ମଧ୍ୟ ଲୁଚାଚୋରାରେ ସିଗାରେଟ ଟଣା ଚାଲିଛି। ସିଗାରେଟର ବିଷାକ୍ତ ନିକୋଟିନ ଧୂଆଁ କେବଳ ଏହି ଧୂମପାନକାରୀଙ୍କ ପାଇଁ ନୁହେଁ ସେମାନଙ୍କ ଆଖପାଖ ସଂସ୍ପର୍ଶରେ ଆସୁଥିବା ଅନ୍ୟମାନେ ମଧ୍ୟ ପ୍ରଭାବିତ ହୋଇଥାନ୍ତି। ପରୋକ୍ଷରେ ଏହି ଧୂଆଁ ସେମାନଙ୍କ ଶରୀର ଭିତରକୁ ଯାଇ କ୍ଷତି ପହଞ୍ଚାଇଥାଏ। କେତେକ କଲେଜରେ ଧୂମପାନ ନିଷେଧ ପାଇଁ କଡ଼ାକଡ଼ି ଦଣ୍ଡ ବିଧାନ ଓ ଜୋରିମାନା ବ୍ୟବସ୍ଥା ରହିଥିଲେ ମଧ୍ୟ ଅନେକ ଶିକ୍ଷାୟତନରେ ଏହା ସେତେଟା କଠୋର ଭାବେ ପାଳନ କରାଯାଉନାହିଁ ଯାହାର ଫାଇଦା ଏହି ବର୍ଗର ପିଲାମାନେ ନେଉଛନ୍ତି। ଧୂମପାନ ଶରୀରକୁ ଅତ୍ୟନ୍ତ କ୍ଷତି ପହଞ୍ଚାଇଥାଏ। ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହା ବିଶେଷକରି ଘାତକ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ଶରୀରର ପାଚନ ପକ୍ରିୟା, ଲିଭର, ଛାତି ଓ ପେଟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହେବା ସହ ଛାତ୍ରୀମାନେ ଅଧିକାଂଶ ପରିମାଣରେ ଏହାକୁ ନିଜର ଆସକ୍ତି ବଢ଼ାଇଲେ କେତେକ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ସେମାନଙ୍କ ଗର୍ଭଧାରଣ ପାଇଁ ଓ ସନ୍ତାନ ପ୍ରଜନନ ବେଳେ ଏହା ସମସ୍ୟା ଉପୁଯାଇଥାଏ। ଧୂମପାନ ଦ୍ୱାରା ଓଠ କଳା ପଡ଼ିବା ସହ ମୁଖମଣ୍ଡଳ କଦାକାର ହୋଇଯିବାର ଉଦାହରଣ ମଧ୍ୟ ରହିଛି। ପାଟିର ଆଭ୍ୟନ୍ତରୀଣ ଅଙ୍ଗ ମଧ୍ୟ ପ୍ରଭାବିତ ହୋଇଥାଏ। ରାଜସ୍ଥାନ, କର୍ଣ୍ଣାଟକ, କେରଳ, ଉତ୍ତରାଖଣ୍ଡ, ଗୁଜୁରାଟ ପରି କେତେକ ରାଜ୍ୟରେ ଶିକ୍ଷାୟତନ ପରିସରରେ ଧୂମପାନ ପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଏହି ବ୍ୟବସ୍ଥା ଥିଲେ ମଧ୍ୟ ତାହା ଆଖି ଦୃଶିଆ ଭାବେ ପାଳନ କରାଯାଉନାହିଁ। ସେହିପରି ଆଉ ଏକ ଉଦବେଗଜନକ କଥା ହେଉଛି ସ୍କୁଲ ଯାଉଥିବା ପିଲାମାନେ ମଧ୍ୟ ସିଗାରେଟ ଟାଣୁଥିବାରୁ ସେମାନଙ୍କର ସ୍ୱାସ୍ଥ୍ୟ ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହୋଇଥାଏ। ସେହିପରି କେତେକ ପିଲା ସାଙ୍ଗମାନଙ୍କ ଭିତରେ ମଜାରେ ବା ଝଗଡ଼ା ହେଲେ ସିଗାରେଟ ଚେଙ୍କ ପରସ୍ପର ଭିତରେ ଦିଆ ନିଆ ହୋଇଥାନ୍ତି। ପରବର୍ତ୍ତୀ ସମୟରେ ଏହା ଘାଆ ହୋଇ ସଂକ୍ରମଣ ମଧ୍ୟ ହୋଇଥାଏ। ପିଲାମାନଙ୍କ ଭିତରେ ଏହି ଭୟଙ୍କର କୁଅଭ୍ୟାସକୁ ମୂଳପ୍ରାଟନ କରିବା ଜରୁରୀ। କାରଣ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନର ପ୍ରାରମ୍ଭିକ ସମୟରେ ସିଗାରେଟ ଟାଣୁଥିଲେ ପରବର୍ତ୍ତୀ ସମୟରେ ସେମାନେ ଅନ୍ୟ ନିଶାଦ୍ରବ୍ୟ ପ୍ରତି ଆସକ୍ତ ହୋଇଥାନ୍ତି। ଯାହାକି ସେମାନଙ୍କର ସୁଜୀବନ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ଏ କ୍ଷେତ୍ରରେ ଅଭିଭାବକ ମାନଙ୍କର ସର୍ବପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାମାନଙ୍କୁ ନୀତିଶିକ୍ଷା ଓ ଆଧାତ୍ମିକ ଶିକ୍ଷା ଦେବା ସହ ନୈତିକ ଶିକ୍ଷା ଦେବା ଜରୁରୀ। ସେହିପରି ପରିବାରରେ କିଏ ଧୂମପାନ ଅଭ୍ୟାସରେ ଥିଲେ ତାଙ୍କୁ ସର୍ବପ୍ରଥମେ ସେଥିରୁ ନିବୃତ୍ତ ରହିବା ଜରୁରୀ। କାରଣ ପିଲାମାନେ ପ୍ରାୟତଃ ଅନୁକରଣ କରିଥାନ୍ତି। ସେହିପରି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସୁସମ୍ପର୍କ ରକ୍ଷା କରି ପିଲାମାନେ ସେଥିରୁ କିପରି ନିବୃତ୍ତ ରହିବେ ସେ ଦିଗକୁ ଦେଖିବା ଉଚିତ। କେବଳ ସରକାର ବା ପ୍ରଶାସନ ଉପରେ ଦୋଷ ଦେଲେ ଚଳିବ ନାହିଁ। ବିଦ୍ୟାଳୟ ବା ମହାବିଦ୍ୟାଳୟ ପରିସର ପାଖରେ ରହୁଥିବା ଚା'ପାନ ଦୋକାନରେ ଗୁଟଖା ଓ ଅନ୍ୟ ମାଦକ ଦ୍ରବ୍ୟ ପରି ବିଡ଼ି, ସିଗାରେଟ ବିକ୍ରି ପାଇଁ କଠୋର ବାରଣ ରହିବା ଜରୁରୀ। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଦାୟିତ୍ୱ ରହିଛି ଏହାକୁ ହୃଦୟଙ୍ଗମ କରିବା ଜରୁରୀ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ଦୂରଭାଷ : ୯୮୬୧୪୬୩୪୦୬




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇନ୍ଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇନ୍ଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମାରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର। ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତିଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଟିମଓ୍ୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର। ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ। ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି। ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି। ସେଗୁଡିକର କିଭଳି ରକ୍ଷଣବେକ୍ଷଣ କରିହେବ ସେନେଇ କାମ କରିବୁ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି। ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି।

## ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ମାଲକାନଗିରିରେ ୮୮ତମ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ମଂଚାସୀନ ଥିଲେ। ଓଡ଼ିଶା ଦିବସକୁ ଆଡମ୍ବର ଓ ସଫଳତାର ସହ ପାଳନ କରିବା ପାଇଁ ଶ୍ରୀ ସାହୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏପ୍ରିଲ ପହିଲା ପ୍ରାତଃ ୫ଟାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ଉତ୍କଳ ବନ୍ଦନା ବଜାଯାଇ ସହର ପରିକ୍ରମା କରାଯିବ। ଉକ୍ତ ଦିନ ପୁରୁଣା କୋର୍ଟ ପରିସରରେ ପୂର୍ବାହ୍ନରେ ଏକ ସାଧାରଣ ସଭା କାର୍ଯ୍ୟ ଆୟୋଜନ କରାଯିବ। ନିଜ କାର୍ଯ୍ୟାଳୟ ଓ ବିଦ୍ୟାଳୟ ପରିସର ଏବଂ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲାର ପଦାଧିକାରୀ ମାନେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାଲ୍ୟାର୍ପଣ କରିବେ। ସେହିପରି ଜିଲ୍ଲାର ସମସ୍ତ ବ୍ଲକ, ତହସିଲ, ଗ୍ରାମ ପଂଚାୟତ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନଙ୍କରେ ଓଡ଼ିଶା ଦିବସ ପାଳନ କରିବାକୁ କୁହାଯାଇଛି।

# ବିଶ୍ୱ ପଖାଳ ଦିବସ ପାଳିତ

ମାଲକାନଗିରି,(ପି.ଏନ):ନ କରାଯାଇଛି।ଉକ୍ତ ଉତ୍ସବରେ ସମ୍ବାଦ ସାହିତ୍ୟ ଘରର ସଭାପତି ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଅଧ୍ୟକ୍ଷତାକରିଥିବାବେଳେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକ, ଲେଖକ ତଥା ଉପନିର୍ଦ୍ଦେଶକ ଯୋଜନା ଗୋଲକ ଚନ୍ଦ୍ର ଦଳାଇ ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମହାରଣା ଓ ସମ୍ମାନୀତ ଅତିଥି ଭାବେ ସାହିତ୍ୟ ସମ୍ବାଦ ଘର ର ଘରମୁରବୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପରିସଂଖ୍ୟାନ ଅଧିକାରୀ ପରମେଶ୍ୱର ରାଉତ ,ବିଭାଗୀୟ ମୁଖ୍ୟ ସଞ୍ଜୟ କୁମାର ଭୋଇ ,ମାଲକାନଗିରି ମହାବିଦ୍ୟାଳୟର ସଭାପତି ତଥା ଅବସରପ୍ରାପ୍ତ ଉପଖଣ୍ଡ ଭେଟେନାରୀ ଡାକ୍ତର ଉଦୟ ନାଥ ଖରା,ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ ,ପ୍ରମୀୟ କୁମାର ମହାନ୍ତି, ସମ୍ବାଦ ସାହିତ୍ୟ ଘର ସମ୍ପାଦକ ତଥା ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ,ଚାଲାଣଗୁଡା ସରପଂଚ ତଥା ବିଦ୍ୟାଳୟ ର ସଭାପତି ଅରକ୍ଷିତ ନାୟକ, କନକ ଟିଭିର ଭି ଡି ଓ ଜର୍ଣ୍ଣାଲିଷ୍ଟ ଜାନକୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।କାର ?ୟକ୍ରମ ଆରମ୍ଭ ପୂର୍ବରୁ ବିଦ୍ୟାଳୟରପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳ ,ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରୀଗଣ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ,ଚନ୍ଦନ ଟିପା ଓ ଅରୁଆ ଚାଉଳ ସହ ବନ୍ଦାପନା କରି ବିଦ୍ୟାଳୟ କୁ ପାଛୋଟି ଆଣିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ବାଦ ସାହିତ୍ୟଘରର ସମ୍ପାଦକ ସୁକାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବାସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପ,ଧୂପ ଦୀପ ପ୍ରଦାନକରିସାରିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳଙ୍କ ସଂଯୋଜନାରେ ଛାତ୍ରୀମାନଙ୍କ ଦ୍ୱାରା ଏକ ଉଚ୍ଚକୋଟୀର ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ବିଶ୍ୱ ପଖାଳ ଦିବସର ବିଶେଷତ୍ୱ, ମହତ୍ୱ, ଇତିହାସ ବୈଜ୍ଞାନିକ କାରଣ ଓ ଜଗନ୍ନାଥ ମହାପ୍ରଭୁଙ୍କ ଖାଦ୍ୟ ସହ ପଖାଳର ସମ୍ପର୍କରେ ଆଲୋଚନା କରିଥିଲେ।ଏହି ଅବସରରେ ମାଲକାନଗିରି ଜିଲ୍ଲା ପାଇଁ ନୂତନ ଭାବେ ଯୋଗ ଦାନ ଦେଇଥିବା ଜିଲ୍ଲା ପ୍ରତିନିଧି ସମ୍ବାଦ , ଜ୍ଞାନଚାନ୍ଦ ଜଗନ୍ନାଥ ଙ୍କୁ ସମ୍ବାଦ ସାହିତ୍ୟଘର ତରଫରୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତିରେ ବିଶ୍ୱ ପଖାଳ ଦିବସ ମହାସମାରୋହରେ ପାଳନ କରାଯାଇଥିଲା। ପରିଶେଷରେ ପ୍ରକାଶ ଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକୁ ନୂତନ ପ୍ରତିନିଧି ସମ୍ବାଦ ଓ ପ୍ରଧାନ ଶିକ୍ଷୟିତ୍ରୀ ଅଭରାଣୀ ପରିଚାଳନା କରିଥିଲେ। ପରିଶେଷରେ ଆମନ୍ତ୍ରିତ ଅତିଥିଗଣ, ଶିକ୍ଷକ ଶିକ୍ଷୟିତ୍ରୀଓ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ପଖାଳ ସହ ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା।

## ମେଡିକାଲରୁ ଛୁଆ ଗାଏବ ହେବା ଅଭିଯୋଗ

ମାଲକାନଗିରି, (ପି.ଏନ): ନିଜ ପେଟରେ ଭୃଣ ବଢୁଥିବା ସନ୍ଦେହରେ ଜଣେ ମହିଳା ମାଲକାନଗିରି ଜିଲ୍ଲା ମାଥିଲି ଉ ପଖଣ୍ଡ ମେଡିକାଲରେ ଭର୍ତି ହୋଇଥିଲେ। ତେବେ ସେଠି ତାଙ୍କ ଛୁଆ ଜନ୍ମ ପରେ ହଜି ଯାଇ ଥିବାର ଅଭିଯୋଗ କରିଛନ୍ତି। ତେବେ ଆଶା ବା ଅଙ୍ଗନବାଡି କର୍ମୀ ବା ମେଡିକାଲ ରେ କରା ଯାଇଥିବା କୌଣସି ବି ପରୀକ୍ଷା ରେ କୌଶଲ୍ୟା ଗର୍ଭବତୀ ଥିବା ମନା କରିଛନ୍ତି ମେଡିକାଲ ଅଫିସର। ତେବେ କୌଶଲ୍ୟା ଏଭଳି ଅଭିଯୋଗ କାହିଁକି ଆଣିଛନ୍ତି ତାହା ତଦନ୍ତ ପରେ ଜଣା ପଡିବ। ତାଙ୍କ ର ୨ ଟି ପିଲା ଅଛି ଏବଂ ତାଙ୍କର ପରିବାର ନିୟୋଜନ ଅପରେସନ ଆଗରୁ ସଫଳ ଭାବେ କରାଯାଇଥିଲା ତେବେ ପୁଣି ଗର୍ଭ ଧାରଣ କେମିତି କଲେ ବୋଲି ମଧ୍ୟ ଡାକ୍ତର ଅମୀୟ କୁମାର ସ୍ୱାଇଁ କହିଛନ୍ତି।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ସୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି। ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି। ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି। ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ।


ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ଓ୍ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରଶଂଶା କରିଥିଲେ। ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ। ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ। ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ। ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟାର୍ଥୀର ଦୁଆର ମୁହଁ ରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ।

ଉଭୟ ପ୍ରକୃତ ଓ ଓ୍ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ। ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ। ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଢ଼ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।




# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ

କେନ୍ଦୁଝର (ପିଏନ୍): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ମାର୍ଗଦର୍ଶିକା ଏବଂ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ବର୍ଷାଋତୁରେ କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ତା ୦୧.୦୬.୨୦୨୨ ରିଖ ବୁଧବାର ଦିନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଷୁସମା ବିଲୁଙ୍ଗ୍‌ଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ, କେନ୍ଦୁଝର ଲୋକସଭା ସଦସ୍ୟା ଇଂ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହା', ଡିଏଫଓ କେନ୍ଦୁଝର ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଡେପୁଟି କଲେକ୍ଟର ଆପତ୍‌କାଳୀନ ସୁରଂଜିକା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ , ତହସିଲଦାର, ପୌରପାଳିକା / ଏନଏସିର ନିର୍ବାହୀ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସମ୍ଭାବ୍ୟ ବନ୍ୟା, ବାତ୍ୟାର ମୁକାବିଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଏବେଠାରୁ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଜନାବଦ୍ଧ ଭାବେ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାରେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ହେଲେ ତାର ସଫଳ ମୁକାବିଲା ପାଇଁ ସରକାରୀ ପଦାଧିକାରୀ, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ, ଏସଏଚଜି ତଥା ଜନସାଧାରଣ ସମସ୍ତେ ସାମୁହିକ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାସ୍ତରରେ ଏବଂ ବ୍ଲକ୍‌ସ୍ତରରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ/ପୌରପାଳିକା / ଏନଏସିରେ ବନ୍ୟା, ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ସ୍ଥାନ, ନିରାପଦ ଆଶ୍ରୟ ସ୍ଥଳ ଉପରେ ଆଲୋଚନା ହୋଇଥିଲା । ସ୍ଥିରିକୃତ ହୋଇଥିବା ନିରାପଦ ଆଶ୍ରୟସ୍ଥଳମାନଙ୍କର ଅବସ୍ଥା ତଦାରଖ ସହିତ ଆବଶ୍ୟକୀୟ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା ପ୍ରଭାବିତ ଅଂଚଳରେ ପର୍ଯ୍ୟାପ୍ତ ପରିମାଣରେ ଚୂଡ଼ା, ବିସ୍କୁଟ୍, ଚାଉଳ, ଗୁଡ, କିରୋସିନି, ମହମବତୀ, ଦିଆସିଲି ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ତଥା ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ମହଜୁଦ୍ ରଖିବା ପାଇଁ ବିହିତ ପଦକ୍ଷେପ ନେବାକୁ ବେସାମରିକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଳ ସଂପଦ ବିଭାଗ ଅଧିନସ୍ଥ ନଦୀବନ୍ଧ ମାନଙ୍କରେ ଦୁର୍ବଳ ସ୍ଥାନମାନଙ୍କର ଆଶୁ ମରାମତି ସହ ପର୍ଯ୍ୟାପ୍ତ ପରିମାଣରେ ବାଲିବସ୍ତା, ବାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ/ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରତ୍ୟେକ କେନାଲ୍ ମାନଙ୍କରେ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ମଧ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦ୍‌ବ୍ୟତୀତ ଜିଲ୍ଲାର ବିଭିନ୍ନ ପୌରପାଳିକା / ଏନଏସି ଅଂଚଳରେ ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା, ବାତ୍ୟା ସମୟରେ ଟେଲିଫୋନ୍ ସେବାକୁ କାର୍ଯ୍ୟକ୍ଷମ ରଖିବାକୁ ଟେଲିକମ୍ ବିଭାଗର କର୍ମକର୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଦେଶୀ ଡଙ୍ଗା ଓ ପାୱାର୍ ବୋଟ୍ ପ୍ରସ୍ତୁତ ରଖିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ବନ୍ୟା ବାତ୍ୟା ସମୟରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ଅଗମ୍ୟ ଅଂଚଳରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରାଂଚଳରେ ପାନୀୟ ଜଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦ୍ୟୁତ ଯୋଗାଣ ଉପରେ ବିହିତ ପଦକ୍ଷେପ ନେବାକୁ ଟିପିଏନଓଡିଏଲର ଅଧିକ୍ଷଣ / ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ତଥା ପରବର୍ତୀ ସମୟରେ ସ୍ୱାସ୍ଥ୍ୟ ଓ ପରିମଳ ସମସ୍ୟାର ମୁକାବିଲା ନିମନ୍ତେ ବିହିତ ପଦକ୍ଷେପ ନେବା ସହିତ ପ୍ରତି ଚିକିତ୍ସାଳୟ/ ଏ.ଏନ୍.ଏମ୍. ସେଂଟର / ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯଥେଷ୍ଟ ପରିମାଣରେ ଓ.ଆର୍.ଏସ୍. ପ୍ୟାକେଟ୍, ହାଲୋଜେନ୍ ଟାବ୍ଲେଟ୍, ବ୍ଲିଚିଂ ପାଉଡର, ଆଶୁ ଚିକିତ୍ସା ସାମଗ୍ରୀ ଆଦି ମହଜୁଦ ରଖି ବଂଟନ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା, ବାତ୍ୟା ସମୟରେ ପଶୁଧନର ଚିକିତ୍ସା ଓ ଗୋଖାଦ୍ୟ ଯୋଗାଣ, କଂଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ ତଥା ଏ ବାବଦରେ ବିଶଦ ଆକ୍‌ସନ୍ ପ୍ଲାନ୍ ପ୍ରସ୍ତୁତ କରି ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିର ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗର ଆକ୍ସନ ପ୍ଲାନ୍ ଅତିଶୀଘ୍ର ଦାଖଲ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦବ୍ୟତୀତ ସମ୍ଭାବ୍ୟ ବନ୍ୟା ବାତ୍ୟା ପରସ୍ଥିତିରେ ଉଦ୍ଧାର କାର୍ଯ୍ୟ, ରିଲିଫ ପରିଚରଳନା,ଗଛ ପଡିରାସ୍ତା ଅବରୋଧହେଲେ ଗମନା ଗମନ ଉପଯୋଗୀ କରିବା, ରାସ୍ତାଘାଟ ମରାମତି, କ୍ଷୟକ୍ଷତି ଆକଳନ,ଆଇନ ଶୃଙ୍ଖଳା ରକ୍ଷା, ଓଡ୍ରାଫ ଓ ଏନଡିଆରଏଫ ମୁତୟନ ଇତ୍ୟଦି ପ୍ରସଙ୍ଗ ଉପରେ ବୈଠକରେ ବିଶଦଭାବେ ଆଲୋଚନା କରାଯାଇଥିଲା ।

# ସାମ୍ବାଦିକ ସଂଘ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଉଦଯାପିତ

ଫୁଲନଖରା (ପିଏନ୍)-ଭାରତୀୟ କର୍ମଜୀବୀ ସାମ୍ବାଦିକ ସଂଘଦ୍ୱାରା ସହବନ୍ଧିତ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଏହାର ଜାତୀୟ କାର୍ଯ୍ୟକାରିଣୀ ବୈଠକ କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ଇକୋ ରିସର୍ଟ୍ସ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। କଟକ ଜିଲା କର୍ମଜୀବୀ ସାମ୍ବାଦିକ ସଂଘ ସହଯୋଗରେ ଆୟୋଜିତ ଏହି ଦୁଇ ଦିବସୀୟ କାର୍ଯ୍ୟକାରିଣୀ ବୈଠକର ଉଦଯାପନ ଦିବସର ପ୍ରଥମ ଅଧିବେଶନରେ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ଭାରତର ରାଷ୍ଟ୍ରଦୂତ ଅବସର ବେଉରିଆ, ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ପୂର୍ବତନ ମୁଖ୍ୟ ସଚିବ ବିଜୟକୁମାର ପଟ୍ଟନାୟକ, ପିକେ ପଣ୍ଡିତ ପ୍ରମୁଖ ଅତିଥିଭାବେ ଯୋଗଦେଥିଲାବେଳେ ଦ୍ୱିତୀୟ ଅଧିବେସନରେ ସାଂସଦ ଅମର ପଟ୍ଟନାୟକ, ପୂର୍ବତନ କୁଳପତି ପ୍ରଫେସର କୈଳାସ ମିଶ୍ର, ଦୈନିକ 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡଃ. ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ, ପ୍ରାକ୍ତନ ପୁଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲିକ, ମୃଗେଶ ଶିବପୂଜି ପ୍ରମୁଖ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ସାମ୍ବାଦିକଙ୍କ ସମସ୍ୟା, ଅଭାବ ଓ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଉଭୟ ଅଧିବେଶନରେ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ ଅଧକ୍ଷତା କରିଥିଲେ। ସଂଘ କଟକ ଜିଲା ସଭାପତି ଲଳିତକୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସମ୍ପାଦକ ପ୍ରକାଶ ନନ୍ଦ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କାର୍ଯ୍ୟରତ ଦକ୍ଷ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶଶିଭୂଷଣ ଦାଶ, ଭବାନୀଶଙ୍କର ପାତ୍ର, ଅଜୟକୁମାର ପାତ୍ର, ପ୍ରଶାନ୍ତ ମହାନ୍ତି ଓ ରାଜକିଶୋର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପବିତ୍ରକୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସାଇଁଶୋରେ ଇଫତାର ପାର୍ଟି




ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତ ତରଫରୁ ଇଫତାର ପାର୍ଟି ପଞ୍ଚାୟତ କାର୍ଯ୍ୟାଳୟସ୍ଥ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ସରୋଜକୁମାର ମହାପାତ୍ର ଅଧକ୍ଷତା କରି ସାଇଁଶୋ ପଞ୍ଚାୟତ ସର୍ବଦା ଭାଇଚାରାର ବାର୍ତ୍ତା ପ୍ରଦାନ କରିଆସିଛିବୋଲି କହିଥିଲେ। ନିଆଳି ବିଧାୟକ ଡା.ପ୍ରମୋଦକୁମାର ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁ ସମ୍ପ୍ରଦାୟ ମଧ୍ୟରେ ଏକତା ଓ ଭ୍ରାତୃତ୍ୱଭାବ ବଜାୟ ରହିଲେ ସମସ୍ତଙ୍କର ମଙ୍ଗଳ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ପ୍ରଦୀପ ଭୋଇ, ସମିତି ସଭ୍ୟ ତହିଦ ଖାଁ, ସ୍ୱାଧିନତା ସଂଗ୍ରାମୀ ମାୟାଧର ମଲିକ, ପ୍ରାକ୍ତନ ସରପଞ୍ଚ ଲକ୍ଷ୍ମୀଧର ବେହେରା, ଡଃ.ବିଜୟକୁମାର ପାତ୍ର, ପ୍ରାକ୍ତନ ବ୍ଲକ ଅଧକ୍ଷ ଦିଗମ୍ବର ମହାପାତ୍ର, ଲଳିତକୁମାର ଦାଶ, ପ୍ରଦ୍ୟୁମ୍ନକୁମାର ପାତ୍ର, କବି ସଫିକ ଅହମ୍ମଦ ସିଦ୍ଦିକ, ସଂଗ୍ରାମକେଶରୀ ପାତ୍ର, ସଗୀର ସିଦ୍ଦିକ, ସୁରେନ୍ଦ୍ର ମହାପାତ୍ର, ଶାହନୱାଜ ଖାଁ, ଜୟନ୍ତକେଶରୀ ପାତ୍ର ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ଦୁଇଶହରୁ ଊର୍ଦ୍ଧ୍ୱ ସଂଖ୍ୟକ ବ୍ୟକ୍ତି ଆୟୋଜିତ ଇଫତାର ପାର୍ଟିରେ ସାମିଲ ହୋଇଥିଲେ।

## ——ସ୍କାଉଟସ୍ ଏବଂ ଗାଇଡସ୍——

# ଉଦ୍‌ଘାଟିତ ହେଲା "ଗ୍ରୀନ୍ ଓଡିଶା"




ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା "ଗ୍ରୀନ୍ ଓଡିଶା" ଗତକାଲି ଉଦ୍‌ଘାଟିତ ହୋଇଅଛି । ଉଦ୍‌ଘାଟକ ଭାବେ ସଦସ୍ୟ ଲୋକାୟୁକ୍ତ ଡଃ. ଦେବବ୍ରତ ସ୍ୱାଇଁ, ମୁଖ୍ୟ ଅତିଥି ଭାବେ ବନ ସଂରକ୍ଷକ ଶ୍ରୀ ସତ୍ୟନାରାୟଣ ବେଉରା, ଆଇଏଫଏସ୍, ଅପରାହ୍ନ ୬.୦୦ ଘଟିକା ସମୟରେ ପହଞ୍ଚିବା ପରେ ସ୍କାଉଟ ଗାଇଡ୍‌ର ପାରମ୍ପାରିକ କଲର ପାର୍ଟି ଦ୍ୱାରା ରୋଭର ରେଞ୍ଜରମାନେ ମୁଖ୍ୟ ଅତିଥିଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ରାଜ୍ୟ ମୁଖ୍ୟକମିଶନର ତଥା ଜାତୀୟ ଉପସଭାପତି ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଡଃ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ଜିଲ୍ଲାରୁ ୧୫୦ରୁ ଊର୍ଦ୍ଧ୍ୱ ସମବେତ ହୋଇଥିବା ରୋଭର ରେଞ୍ଜରମାନଙ୍କ ଦ୍ୱାରା ମୁଖ୍ୟଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜ୍ୟ ସଂଗଠନ କମିଶନର ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶିବିରର ଉଦ୍ଦେଶ୍ୟ ତଥା ସ୍କାଉଟ ଓ ଗାଇଡ୍ ସଂଗଠନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅତିଥିମାନଙ୍କୁ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ର ଅବଗତ କରାଇଥିଲେ। ରାଜ୍ୟ ସଂଗଠନ ଦ୍ୱାରା ଆୟୋଜିତ ଉକ୍ତ ଶିବିର ମଧରେ ବିଭିନ୍ନ ସ୍ଥାନରେ ପିଲାମାନେ ଗଛ ଲଗାଇବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ଶିବିରରୁ ପିଲାମାନେ ଗଛ ଲଗାଇବାର କୌଶଳ ଏବଂ ଏହାର କିପରି ରକ୍ଷଣବେକ୍ଷଣ କରିପାରିବେ ଏହି ଶିବିର ମାଧମରେ ଭଲଭାବରେ ଶିକ୍ଷାଲାଭ କରି ଶିବିରରୁ ଫେରିଯାଇ ନିଜ ନିଜ ଗ୍ରାମ ଏବଂ ନିଜର ଆଖପାଖ ଗ୍ରାମରେ ବିଭିନ୍ନ ପ୍ରକାର ଗଛ ଲଗାଇ ଏହାର ଯତ୍ନନେଇ ଗଛ ଗୁଡିକୁ ବଢ଼ାଇ ପାରିଲେ ଏହି ଶିବିରଟି ସାର୍ଥକ ହେବ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ । ଲୋକାୟୁକ୍ତ ଡଃ ସ୍ୱାଇଁ ସ୍କାଉଟ ଗାଇଡ୍ ସଂଗଠନ ଦ୍ୱାରା ଆୟୋଜିତ ଉକ୍ତ "ଗ୍ରୀନ୍ ଓଡିଶା" ଶିବିର ଆୟୋଜନର ଉଚ୍ଚ ପ୍ରଶଂସା କରିବା ସହିତ ଏହା ଆଗାମୀ ଯୁବପୀଢ଼ିମାନଙ୍କୁ ପ୍ରେରଣା ଦେବ ବୋଲି ବୋଲି ଆଶା ପୋଷଣ କରିଥିଲେ। ଏହା ଏକ ମିଶନ ଭାବରେ ଆସୁଥିବା ମୌସୁମୀକୁ ଆଖିରେ ରଖି ଜୁଲାଇ ଶେଷ ସୁଦ୍ଧା ଓଡିଶାରେ ୫ ଲକ୍ଷ ଚାରା ରୋପଣ ଏବଂ ଯତ୍ନର ଉଦ୍ଦେଶ୍ୟ ରହିଛି। ପରିଶେଷରେ ରାଜ୍ୟ ତାଲିମ କମିଶନର (ଗାଇଡ୍) ସୁଶ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସଭାପତି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ସମସ୍ତ ପ୍ରତିଭାଗୀମାନଙ୍କୁ ଶୁଭେଚ୍ଛା ଦେବା ସହ ଜିଲ୍ଲାସ୍ତରରେ ବୃକ୍ଷରୋପଣରେ ଇତିହାସ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି। ସାଂଧ୍ୟ ଅଧିବେଶନରେ ରୋଭର ରେଞ୍ଜର ମାନଙ୍କ ମଧରେ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ଭାରତ ସରକାରଙ୍କ ଗରିବ କଲ୍ୟାଣ ସମ୍ମିଳନୀ



କେନ୍ଦ୍ରାପଡା (ପିଏନ୍): ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ସରକାରଙ୍କ ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ହିମାଚଳପ୍ରଦେଶର ରିଚ ମଇଦାନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧମରେ ଗରିବ କଲ୍ୟାଣ ସମ୍ମିଳନୀରେ ଯୋଗଦେଇ ଦେଶବାସୀଙ୍କୁ ଉଦବୋଧନ ଦେଇଥିଲେ । ଏହି ଆଭାସୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୧୦ କୋଟି କୃଷକଙ୍କୁ ୨୧ହଜାର କୋଟି ଅର୍ଥରାଶୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ପ୍ରଦାନ କରିଥିଲେ । ରାଷ୍ଟ୍ରୀୟ ନବନିର୍ମାଣ ଯୋଜନାକୁ ତ୍ୱରାନ୍ୱିତ କିରବା ସହ ରାଷ୍ଟ୍ରର ବିକାଶ, ସୁରକ୍ଷା ଓ ସମ୍ମାନ ଉଦ୍ଦେଶ୍ୟରେ ଦେଶରେ କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୁରୀକରଣ ଯୋଜନା ଯଥା ପ୍ରଧାନମନ୍ତ୍ରୀ ସୁନିଧି ଯୋଜନା, ଅଟଳ ପେନସନ ଯୋଜନା, ଉଜ୍ୱଳା ଯୋଜନା, ଜଳ ଜୀବନ ମିଶନ, ସ୍ୱଚ୍ଛଭାରତ ଯୋଜନା, ମାତୃ ବନ୍ଦନା ଯୋଜନା ଓ ପୋଷଣ ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆଦି ବିଷୟରେ କେନ୍ଦ୍ର ସରକାର ଗତ ୮ବର୍ଷ ମଧରେ ଗ୍ରହଣ କରିଥିବା ପଦକ୍ଷପ ଉପରେ ପ୍ରଧାନମନ୍ତ୍ରୀ ତଥ୍ୟ ପ୍ରଦାନ କରିଥିଲେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ପ୍ରତ୍ୟେକ ହିତାଧରକାରୀଙ୍କୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଅର୍ଥରାଶୀ ଯିବାରୁ ଭ୍ରଷ୍ଟାଚାରକୁ ପ୍ରତିରୋଧ କରାଯିବା ସହ ହିତାଧିକାରୀ ଏହାର ସୁବିଧା ପାଇ ପାରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ୪୫କୋଟି ଗରିବ ଜନସାଧାରଣ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧମରେ ଉପକୃତ ହେଉଛନ୍ତି ବୋଲି ମଧ ସେ ପ୍ରକାଶ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମାହାଳିକ, କେନ୍ଦ୍ରାପଡା ପୌର ପରିଷଦ ଅଧକ୍ଷା ସରିତା ସାହୁ, ବିଭିନ୍ନ ବ୍ଲକର ଅଧକ୍ଷ/ଅଧକ୍ଷା ଓ ବିଡିଓ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂ ଏବଂ ବିଭିନ୍ନ ବ୍ଲକରୁ ଉଜ୍ୱଳା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନେ ଯୋଗ ଦେଇଥିଲେ ।

# ଶ୍ରୀଜଗନ୍ନାଥ ମନ୍ଦିରକୁ ଇଫକୋ ପକ୍ଷରୁ ହ୍ୱିଲ୍ ଚେୟାର ପ୍ରଦାନ

ପାରାଦୀପ (ପିଏନ୍)-ପ୍ରତିଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥାନ୍ତି । ଜଗା ଦର୍ଶନ କରିବାକୁ ଆସୁଥିବା ଭକ୍ତମାନଙ୍କ ମଧରେ ବହୁ ବୟସ୍କ ଓ ଦିବ୍ୟାଙ୍ଗ ଭକ୍ତମାନେ ରହିଥାନ୍ତି । ଜଗା ଦର୍ଶନ ସମୟରେ ଏହି ବୟସ୍କ ଓ ଦିବ୍ୟାଙ୍ଗ ଭକ୍ତମାନେ ଭିଡ ଭିତରେ ପଶି ଦର୍ଶନ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ୧୫ ଗୋଟି ହ୍ୱିଲ୍ ଚେୟାର ଓ ୫୦ ଗୋଟି ହାତବାଡି ପ୍ରଦାନ କରାଯାଇଛି । ଏହାଦ୍ୱାରା ଶ୍ରୀମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ବୟସ୍କ ଓ ଦିବ୍ୟାଙ୍ଗ ଭକ୍ତମାନେ ସୁବିଧାରେ ଦର୍ଶନ କରିପାରିବେ। ଇଫକୋ ପକ୍ଷରୁ ଭକ୍ତମାନଙ୍କୁ ମାଗଣାରେ ଏହି ସେବା ଯୋଗାଇଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିରର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଇଫକୋର ନିର୍ଦ୍ଦେଶକ କେ.ଜେ. ପଟେଲ, ଶ୍ରୀମନ୍ଦିରର ପ୍ରଶାସକ (ଉନ୍ନୟନ) ଅଜୟ କୁମାର ଜେନା, ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତାବେନ୍ ପଟେଲ୍, ଦଇତାପତି ବିଶ୍ୱାବସୁ ବିନାୟକ ଦାସମହାପାତ୍ର, ବଳଭଦ୍ରଙ୍କ ବାଡଗ୍ରାହୀ ଅନାଥ ଦାସମହାପାତ୍ର, ଇଫକୋର ସହକାରୀ ପ୍ରବନ୍ଧକ (ପ୍ରଶାସନ) ପ୍ରସନ୍ନ କୁମାର ବେଉରା ପ୍ରମୁଖ ଯୋଗ ଦେଇଥିଲେ । ପାରାଦୀପର ଏହି ଇଫକୋ କର୍ତ୍ତୃପକ୍ଷ ପୁରୀର ଶ୍ରୀମନ୍ଦିରରେ ଭକ୍ତମାନଙ୍କ ସୁବିଧା ନିମନ୍ତେ ଏହି ସେବା ଯୋଗାଇ ଦେଇ ପୁନର୍ବାର ନିଜର ସାମାଜିକ ଅଙ୍ଗୀକାରବଦ୍ଧତାର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ମହାନ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ମାତୃଦିବସରେ ବସ୍ତ୍ରଦାନ




ଭୁବନେଶ୍ୱର (ପିଏନ୍): ଯୋଗ, ଆଧ୍ୟାତ୍ମିକ ଓ ସାମାଜିକ ସଂଗଠନ 'ଶାନ୍ତିପଥ' ପକ୍ଷରୁ ସ୍ଥାନୀୟ ଶହୀଦନଗରଠାରେ ମାତୃଦିବସ ଅବସରରେ ଏକ ବସ୍ତ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧକ୍ଷ ସମାଜସେବୀ ଶିବନାରାୟଣ ମିଶ୍ରଙ୍କ ପୌରୋହିତ୍ୟ, ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶୁଭେନ୍ଦ୍ର ପଟ୍ଟନାୟକ, ସନ୍ତୋଷ ମିଶ୍ର ଯୋଗଦେଇ ଅସହାୟଙ୍କ ସେବା ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତିନୋଟି ପରିବାରକୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିବା ସହିତ ସେମାନଙ୍କ ପିଲାଙ୍କ ଶିକ୍ଷା ଦାୟିତ୍ୱ ଭାର ଶାନ୍ତିପଥ ନେବ ବୋଲି ଅଧକ୍ଷ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ସଙ୍ଗଠନ ଶାନ୍ତି, ପ୍ରଗତି, ମୈତ୍ରୀ ଓ ସମାଜକଲ୍ୟାଣ କାର୍ଯ୍ୟକ୍ରମମାନ ଦୀର୍ଘ ତିନି ବର୍ଷ ଧରି କରିଆସୁଛି। କାର୍ଯ୍ୟକ୍ରମ ସକୁରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମଦନମୋହନ ପାଢ଼ୀ।

## ରାଜ୍ୟପାଳଙ୍କୁ ପ୍ରଶଂସା କଲା ଉତ୍କଳ ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ନିକଟରେ ଓଡିଶାର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କ ସହିତ ସାକ୍ଷାତ ସମୟରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ରାଜ୍ୟପାଳଙ୍କୁ ଉତ୍କଳ ପ୍ରଭାତ ବହି ଓ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ପ୍ରଦାନ କରିଥିଲେ । ପୁସ୍ତକ ଗ୍ରହଣ କରିବା ସଙ୍ଗେ ସଙ୍ଗେ ରାଜ୍ୟପାଳ ମହୋଦୟ ଆମ୍ଭମାନଙ୍କ ସମ୍ମୁଖରେ ଓଡିଆ ଲିପିରେ ଲେଖାଥିବା ପୁସ୍ତକ ଦୁଇଟିର ନାମ ପାଠକଲେ । ଓଡିଆ ଭାଷା ଶିକ୍ଷା କରିଥିବା କଥା ଜାଣିବା ପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କୁ ଉଚ୍ଚ ପ୍ରଶଂସା କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଜଳ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ


ଅନସୂୟା ମହାପାତ୍ର

ଜଳ ହିଁ ଜୀବନ। ପଞ୍ଚମହାଭୂତ ମଧ୍ୟରୁ ଜଳ ଅନ୍ୟତମ । 'ଜ'ଅର୍ଥାତ ଜାୟତେ ଅସ୍ମାତ ଇତି ଜମ, 'ଲ' ଅର୍ଥାତ ଲୀୟତେ ଅସ୍ମିନ ଇତି ଲମ। ପୃଥିବୀରେ ଜୀବଜଗତର ଉତ୍ପତ୍ତି, ସ୍ଥିତି ଓ ବିଲୟର କାରକ ହେଉଛି ଜଳ । ଜୀବନର ଧାରକ ଓ ବର୍ଦ୍ଧକ ତତ୍ତ୍ୱ ଜଳରେ ନିହିତ । ଆଜିର ପ୍ରଗତିଶୀଳ ଏବଂ ବୈଜ୍ଞାନିକମନସ୍କ ମାନବ ଜାତି ପାଇଁ ଜଳ ର ଆରାଧନା ସମୟ ଉପଗତ । କାରଣ ଜୀବନରୂପୀ ଜଳ ର ସଙ୍କଟ ଏବଂ ପ୍ରଦୂଷଣ ସମ୍ପର୍କରେ ଆଜି ସମସ୍ତେ ଅବଗତ । ପୃଥିବୀରେ ଶତକଡା ବାସ୍ତରୀ ଭାଗ ଜଳ ଥିଲେ ସୁଦ୍ଧା ଏହାର ଅଭାବ ଏବେ ଅଧିକ ମାତ୍ରାରେ ଅନୁଭୂତ ହେଉଛି । ଜଳର ଶହେ ଭାଗରୁ ୯୭.୩% ସାଗର ମହାସାଗରରେ ଥିବା ଲବଣାକ୍ତ ଜଳ କେବଳ କେତେକ ଜଳଜୀବ ଓ ହେନ୍ତାଳ ଆଦିସ୍ୱଳ୍ପ ଉଦ୍ଭିଦଙ୍କ ବ୍ୟବହାର ଉପଯୋଗୀ ।୦୨.୦%ଜଳ ବରଫ ଭାବରେ ଗ୍ଲାସିୟର ରେ ରହିଛି ଏବଂ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନହେତୁ ତରଳି ବାଷ୍ପ ହେବା ଆରମ୍ଭ ହେଲାଣି ।ତେଣୁ ଅତି ସ୍ୱଳ୍ପ ପରିମାଣରେ ସ୍ୱଚ୍ଛ ଓ ମଧୁର ଜଳ ଆମ ପାଇଁ ସମ୍ବଳ ଅଟେ । ଏହି ଜଳକୁ ଯତ୍ନର ସହ ବ୍ୟବହାର ନ କଲେ ସି.ଜି.ଏ.ର ରିପୋର୍ଟ ଅନୁସାରେ ଜଳ ସଙ୍କଟ ୨୦୨୫ ସୁଦ୍ଧା ଗୁରୁତର ହେବ ଏବଂ ଜଳକୁ ନେଇ ତୃତୀୟ ବିଶ୍ୱଯୁଦ୍ଧ ସଙ୍ଗଠିତ ହୋଇପାରେ।

ଅଧୁନା ଭାରତର ଜନସଂଖ୍ୟା ୧୪୫ କୋଟି । କ୍ରମବର୍ଦ୍ଧିଷ୍ଣୁ ଜନତାର ନିତ୍ୟ ବ୍ୟବହାର୍ଯ୍ୟ, କୃଷି,ଶିଳ୍ପ, ବ୍ୟାପାର ଆଦିରେ ଜଳର ଆବଶ୍ୟକତା କ୍ରମଶଃ ବୃଦ୍ଧି ପାଉଛି। ନଳକୂପ ଓ ଉଠା ଜଳସେଚ୍‌ନ ଦ୍ୱାରା ଭୂତଳ ଜଳର ଅତ୍ୟଧିକ ବ୍ୟବହାର ହେଉଛି। ଅରଣ୍ୟ କ୍ଷୟ, ପାହାଡ ପର୍ବତରୁ ବୃକ୍ଷ ଛେଦନ ଏବଂ କଂକ୍ରିଟ ଜଙ୍ଗଲର ସୃଷ୍ଟି ହେତୁ ବୃଷ୍ଟି ଜଳ ଭୂତଳକୁ ପ୍ରବେଶ କରିବାରେ ବାଧା ପାଉଛି । ଗୋଟିଏ ପକ୍ଷରେ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଏବଂ ଭୂତଳକୁ ଜଳ ପର୍ଯ୍ୟାପ୍ତ ଭାବେ ନ ଯିବା ହେତୁ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିଛି । ଆଉ ମଧ ଅଜ୍ଞାନ ଅଶିକ୍ଷା ହେତୁ ବେପରୱା ଭାବେ ଜଳକୁ ବ୍ୟବହାର କରାଯାଉଛି। ଶିଳ୍ପାୟନର ବର୍ଜ୍ୟଜଳକୁ ନଦୀ ସମୁଦ୍ରକୁ ଛାଡିବା ଦ୍ୱାରା ଜଳକୁ ପ୍ରଦୂଷିତ ହେଉଛି । ୧ ଲିଟର ପ୍ରଦୂଷିତ ଜଳ ନଦୀର ୪୦ ଲିଟର ଜଳକୁ ପ୍ରଦୂଷିତ କରିପାରେ । ଆମ ଦେଶରେ ମୌସୁମୀ ବାୟୁ ପ୍ରଭାବରେ ଜୁନରୁ ସେପ୍ଟେମ୍ବର ମାସ ମଧ୍ୟରେ ଶତକଡା ୮୫ ଭାଗ ବର୍ଷା ଜଳ ମିଳିଥାଏ। ଏବେ ଜଳବାୟୁ ପରିବର୍ତ୍ତନ ହେତୁ ବର୍ଷା ଓ ଶୀତ ଋତୁର ଅବଧି ହ୍ରାସ ପାଇବା ସହିତ ଅଧିକ ମାତ୍ରାରେ ଖରା ଓ ଉତ୍ତାପ ହେଉଛି। ଫଳରେ ଜଳାଭାବ ହେଉଛି।

ଭାରତରେ ଜଳ ସଂକଟକୁ ମୁକାବିଲା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଜଳ ସମ୍ବଳର ସୁରକ୍ଷା ପାଇଁ ଅନେକ ଯୋଜନା ପ୍ରଣୟନ କଲେଣି । ବଡ ବଡ ନଦୀବନ୍ଧ ଯୋଜନା କରାଯାଇ କେନାଲ ଦ୍ୱାରା ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆ ଯାଇଛି। ମାଟି ବା କଂକ୍ରିଟ୍ ଚେକ୍ ଡ୍ୟାମ୍ ନିର୍ମାଣ ଓ ପୋଖରୀ, କୂପ ଖନନ ଦ୍ୱାରା ବୃଷ୍ଟି ଜଳକୁ ସଂରକ୍ଷଣ କରା ଯାଉଛି। ପାହାଡିଆ ଓ ଗଡାଣିଆ ସ୍ଥାନରେ ବୃକ୍ଷରୋପଣ ଦ୍ୱାରା 'ଜଳଛାୟା ପରିକଳ୍ପନା ' ଦ୍ୱାରା ଭୂତଳକୁ ଜଳ ପ୍ରବେଶ କରୁଛି । ଦେଶରେ ଥିବା ଶିଳ୍ପାନୁଷ୍ଠାନ ର ବର୍ଜ୍ୟ ଜଳକୁ ବୈଜ୍ଞାନିକ ପଦ୍ଧତିରେ ବିଶୋଧନ କରି ଛାଡିବାର ନୂତନ ଉପାୟ ହେବା ଉଚିତ । କୃଷି କ୍ଷେତ୍ରରେ ବୁଡ଼ା ଜଳସେଚ୍‌ନ ଓ ସିଆର ଜଳସେଚ୍‌ନ ନକରି ଆବଶ୍ୟକ ସ୍ଥଳେ ବୁନ୍ଦାଜଳସେଚ୍‌ନ ଓ ସିଞ୍ଚନପଦ୍ଧତିରେ କୃଷି କାର୍ଯ୍ୟ କରିବା ଦ୍ୱାରା ଜଳର ଅପଚୟକୁ ରୋକିହେବ ।'ପର୍ ଡ୍ରପ୍ ମୋର୍ କ୍ରପସ୍ ' କୁ ଚରିତାର୍ଥ କରିବା ଉଚିତ । ବ୍ୟକ୍ତିଗତ ସ୍ତରରେ ପୋଖରୀଖନନ ଓ ପୁନରୁଦ୍ଧାର ଅଭିଯାନରେ ସାମିଲ ହେବା ଆବଶ୍ୟକ । ବ୍ୟକ୍ତିଗତ ଉଦ୍ୟମରେ କୌଣସି ସ୍ଥାନକୁ ଖାଲି ନ ରଖି ବଡ ବଡ କୁଣ୍ଡ ନିର୍ମାଣକରିବା ସହ ଘରୋଇ ଅପରିଷ୍କାର ଜଳକୁ ବାଡ଼ି ବଗିଚ଼ାରେ ଦିଆଯାଇପାରେ । ନିଜ ଘରେ 'ରେନ୍ ୱାଟର୍ ହାରଭେଷ୍ଟିଙ୍ଗ୍ ସିଷ୍ଟମ୍' ଲଗାଇ ଜଳ ଅମଳ କରିପାରିବା। 'କୃତ୍ରିମ ଭୂଜଳ ଭରଣ ୟୁନିଟ୍' ପ୍ରତିଷ୍ଠା ଦ୍ୱାରା ବର୍ଷା ଜଳ ଭୂତଳରେ ସଂଗ୍ରହ ହୋଇପାରେ । ୨୦୧୬ରେ ବିଶ୍ୱବ୍ୟାଙ୍କର ଚେତାବନୀ ରହିଛି, ଭାରତ ଯଦି ନିଜ ସମ୍ବଳର ଉପଯୋଗ ନ କରେ ତେବେ ୨୦୫୦ ସୁଦ୍ଧା ତାର ଜି.ଡି.ପି. ବିକାଶ ହାର ଛ' ପ୍ରତିଶତ ତଳକୁ ଖସିଯାଇପାରେ । କେନ୍ଦ୍ରସରକାରଙ୍କ ୨୦୧୯ରେ 'ଜଳ ଶକ୍ତି ମନ୍ତ୍ରଣାଳୟ' ସ୍ଥାପିତ ହୋଇଛି।୨୦୨୪ସୁଦ୍ଧା ଗ୍ରାମାଞ୍ଚଳରେ ପ୍ରତି ଘରକୁ ପାଇପ ଦ୍ୱାରା ଜଳ ଯୋଗାଣନିମନ୍ତେ 'ଜଳ ଜୀବନ ମିଶନ' କାର୍ଯ୍ୟକ୍ରମ ହୋଇଛି। ଜାତି ସଂଘ ତରଫରୁ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବେ ଉତ୍ସର୍ଗ କରାଯାଇଛି। ୨୦୨୩ ପାଇଁ ଜାତିସଂଘର ବାର୍ତ୍ତା ରହିଛି - 'ଆସଲରେଟିଂ ଚେଞ୍ଜ୍ ଟୁ ଶଲ୍ଭ ଦି ୱାଟର୍ ଆଣ୍ଡ୍ ସାନିଟେସନ୍ କ୍ରାଇସିସ୍'। ଜାତିସଂଘ ୨୦୧୮ ରୁ ୨୦୨୮ ମଧ୍ୟରେ 'ସହନୀୟ ବିକାଶ ମାର୍ଗରେ ଜଳର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରି ଜଳକୁ ବିଜ୍ଞତାର ସହ ଉପଯୋଗ ପାଇଁ ଆହ୍ୱାନ ଦେଇଛି। ଜଳ ପ୍ରକୃତିର ଅମୂଲ୍ୟ ବରଦାନ । ସ୍ୱଚ୍ଛ ନିର୍ମଳ ଜଳ ବ୍ୟତୀତ ଜୀବନ ଧାରଣ ମଧ୍ୟ ଅସମ୍ଭବ । ତେଣୁ ସରକାରୀ ବେସରକାରୀ ଯୋଜନା ସହିତ ଦେଶର ସମସ୍ତ ନାଗରିକଙ୍କର ସଚେତନତା ଓ ମାନବୀୟ ସମ୍ପୃକ୍ତି ହିଁ ଜଳ ସମ୍ପଦର ସଙ୍କଟ ଦୂର କରିପାରିବ। ଜଳର ସଦବିନିଯୋଗ ଓ ସଂରକ୍ଷଣ ଏକ ସାମଗ୍ରିକ ଦାୟିତ୍ୱ । ନିଜର ଜଳ ଅପଚୟ ଓ ଦୂଷିତ କରିବାର ବଦଭ୍ୟାସକୁ ବଦଳାଇ ପ୍ରତିଟି ଜଳ ବିନ୍ଦୁକୁ ବିଜ୍ଞତାର ସହ ବ୍ୟବହାର କରିବା ଜରୁରୀ। 'କ୍ୟାଚ୍ ଦ ରେନ୍, ହୋୟାର୍ ଇଟ୍ ଫଲ୍ସ ,ହ୍ୱେନ୍ ଇଟ୍ ଫଲ୍ସ'-ଏତାଦୃଶ ଶପଥକୁ ସମସ୍ତେ ଅଙ୍ଗୀକାର କଲେ ଜଳ ସଙ୍କଟ ଦୂର ହୋଇ ପାରିବ ।

ଯାଜପୁର

ଦୂରଭାଷା -୮୭୬୩୩୯୭୧୯୯

## କୁନ୍ଦୁରା ଲ୍ୟାମ୍ପସରେ ଚାଷୀଙ୍କ ଜାଲ ଦସ୍ତଖତରେ କୋଟି କୋଟି ଟଙ୍କା ଲୁଟ

ଜୟପୁର, (ପି.ଏନ): କୁନ୍ଦୁରା ଲ୍ୟାମ୍ପସରେ କୋଟି କୋଟି ଟଙ୍କା ଘୋଟାଲା ହୋଇଛି। ଦୀର୍ଘ ୯ ବର୍ଷରେ ଚାଷୀଙ୍କ କୋଟି କୋଟି ଟଙ୍କା ଲୁଟ୍ କରିଛି । କୁନ୍ଦୁରା ଲ୍ୟାମ୍ପରେ ଜାଲ ଦସ୍ତଖତ କରି ଚାଷୀଙ୍କ କୋଟି କୋଟି ଟଙ୍କା ଲୁଟ ହୋଇଛି । ଏନେଇ ଚାଷୀମାନେ କୁନ୍ଦୁରା ଲ୍ୟାମ୍ପକୁ ଯିବାରୁ ଚାଷୀଙ୍କୁ ଦେଖି ଲ୍ୟାମ୍ପ କର୍ମଚାରି ମାନେ ତାଲା ପକାଇ ଚମ୍ପଟ ମାରି ଥିଲେ । ଶେଷରେ ଚାଷୀମାନେ କିଛି ଚାରା ନପାଇ ଜୟପୁର ସ୍ଥିତ ଉପ ନିବନ୍ଧକ ସମବାୟ ସମିତି ସମୁହଙ୍କ କାର୍ଯ୍ୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଡିଆରସିଏସଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ କୁନ୍ଦୁରା ଲ୍ୟାମ୍ପସରେ ଚାଷୀମାନେ ଚାଷ ଋଣ ନେଇଥିଲେ ଚାଷୀ ମାନେ ପାସ ବୁକ ଦେଖିଲା ବେଳେ ଲକ୍ଷ ଲକ୍ଷ ଟଙ୍କା ଲୋନ ଅଛି । ଏହା ଦେଖି କୁନ୍ଦୁରା ବ୍ଲକର ଝଡଙ୍ଗା, ପ୍ରଧାନିପୁଟ, ଲିମା ଅଂଚଳର ଚାଷୀମାନେ ଲ୍ୟାମ୍ପକୁ ଯିବାରୁ ସେ ମାନେ ଚାବି ପକାଇ ଚାଲିଥିବାରୁ ସେ ମାନେ ଡିଆରସିଏସଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏପରି ଭାବେ କୁନ୍ଦୁରା ବ୍ଲକର ୧୬ଟି ପଂଚାୟତ ରେ ରହୁଥିବା ଶତାଧିକ ଗ୍ରାମର ଶହ ଶହ ଚାଷିଙ୍କ ଟଙ୍କା ଜାଲ ଦସ୍ତଖତ ଓ ବଟୁ ଚିହ୍ନ ମାରି ଲୁଟ ହୋଇଛି । ଆଉ କେତେ ଚାଷୀଙ୍କୁ ରସିଦ ଦେଇ ଟଙ୍କା ଅସୁଲ କରିଛନ୍ତି । ସାର, ଔଷଧ କ୍ରୟ କରିବା ନାମରେ ମଧ ଋଣ କରାଯାଇଛି । ସବୁ ଚାଷିଙ୍କ ପାସ ବୁକ ଓ ଚେକ ବୁକ ରଖି ଚାଷ ଙ୍କ ନାମରେ ଜାଲ କରି ଟଙ୍କା ଲୁଟ୍ କରିଛନ୍ତି ।

## ବର୍ଦ୍ଧିତ ଘର ଟିକସ ଛାଡ଼ ସମେତ ଛଅ ଦଫା ଦାବିନେଇ ମହାନଗର ନିଗମ ଆଗରେ ଘଂଟ ବିକ୍ଷୋଭ

ବ୍ରହ୍ମପୁର, (ପି.ଏନ):ବର୍ଦ୍ଧିତ ଘର ଟିକସ ଛାଡ଼, ବାର୍ଦ୍ଧକ୍ୟ ଭତା, ବିଧବା ଭତା ଓ ଭିନ୍ନକ୍ଷମଙ୍କ ଭତା ବୃଦ୍ଧି ଆଦି ଛଅ ଦଫା ଦାବିନେଇ ଆଜି ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ୧୧୮ତମ ଘଂଟ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଗତ କୋଭିଡ ମହାମାରୀ ବେଳେ ଜୀବନ ମରଣର ତାଣ୍ଡବ ଚାଲିଥିବା ବେଳେ ଜନତାଙ୍କ ମଧ୍ୟରେ ଏକ ପ୍ରକାର ଭୟାନକ ପରିସ୍ଥିତି ମଧ୍ୟରେ ଓଡିଶା ସରକାର ଲୋକଙ୍କ ସେହି ଦୁର୍ବଳ ପରିସ୍ଥିତିର ସୁଯୋଗ ନେଇ ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ମହାନଗର ନିଗମରେ କୌଣସି କାଉନସିଲ ମଞ୍ଜୁରୀ ନଥାଇ ଘର ଟିକସକୁ ବହୁ ଗୁଣରେ ବୃଦ୍ଧି କରି ସମସ୍ତ ପ୍ରକାର ନୀତି ନୈତିକତା ମାନବିକତାକୁ ଧ୍ୱଂସ କଲେ। ଏହି ଜନ ବିରୋଧୀ ନୀତିକୁ ଦୃଢ଼ ବିରୋଧ ଫଳରେ କଟକ, ଭୁବନେଶ୍ୱରରେ ଏହି ବର୍ଦ୍ଧିତ ଘର ଟିକସକୁ ବାତିଲ କରାଗଲା, କିନ୍ତୁ, ବ୍ରହ୍ମପୁରବାସୀଙ୍କ ଉପରେ ଏହି ବର୍ଦ୍ଧିତ ଘର ଟିକସକୁ ବଳବତର ରଖାଗଲା ଓ ଟିକସ ସଂଗ୍ରହ କରାଗଲା। ଏହି ବର୍ଦ୍ଧିତ ଟିକସ ସଂଗ୍ରହକୁ ବାତିଲ ଓ ସଂଗୃହିତ ହୋଇସାରିଥିବା ଟିକସ ରାଶି ଲୋକଙ୍କୁ ଫେରାଇବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ହେଲେ ବି ବ୍ରହ୍ମପୁରବାସୀଙ୍କ ଠାରୁ ବେଆଇନ ଭାବେ ବର୍ଦ୍ଧିତ ଟିକସ ସଂଗ୍ରହ ଚାଲିଛି, ଯାହାକି ଏକ ଅନ୍ୟାୟ ଓ ଅଗଣତାନ୍ତ୍ରିକ ପଦକ୍ଷେପ ଅଟେ। କାରଣ ତିନୋଟି ମହାନଗର ନିଗମ ପାଇଁ ଯେତେବେଳେ ଏକା ସମୟରେ ଟିକସ ବୃଦ୍ଧି କରାଯାଇଥିଲା, ଏହି ଟିକସ ବୃଦ୍ଧି ନିଷ୍ପତିକୁ ବେଆଇନ ଦର୍ଶାଇ ଟିକସ ସଂଗ୍ରହକୁ ବନ୍ଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ତା ହେଲେ ବ୍ରହ୍ମପୁରରେ ତାହା ଆଇନତଃ କିପରି ହେଲା ବୋଲି ମାନବ ଅଧିକାର ସୁରକ୍ଷା ମଂଚ ଆବାହକ ଆଇନଜୀବୀ ଅବନୀ ଗୟା ପ୍ରଶ୍ନ କରିଛନ୍ତି। ଏଣୁ ଏହି ଟିକସ ସଂଗ୍ରହକୁ ବନ୍ଦ କରି ସଂଗୃହିତ ରାଶି ଲୋକଙ୍କୁ ଫେରାଇବା ପାଇଁ ମହାନଗର ନିଗମ କାଉନସିଲ ମିଟିଂରେ ଦାବୀ ଉଠାଇବା ପାଇଁ ମେୟର ସଂଘମିତ୍ରା ଦଳାଇଙ୍କ ଠାରେ ମଂଚ ପକ୍ଷରୁ ଦାବୀ କରାଯାଇଛି । ସେହିପରି ଦୀର୍ଘ ବର୍ଷରୁ ସରକାର ରାଜୀବ ଆବାସ ନାଁ ରେ ଖୁବ ପ୍ରଚାର କରୁଥିଲେ ବି ବହୁ ବର୍ଷରୁ ଆବେଦନ କରିଥିବା ଅନେକ ପ୍ରକୃତ ହିତାଧିକାରୀ ଏଥିରୁ ବଂଚିତ ହୋଇଛନ୍ତି ଅଥଚ କିଛି ଧନୀକ ବ୍ୟକ୍ତି ଓ ରାଜନୈତିକ ପ୍ରଭାବଶାଳି ବ୍ୟକ୍ତି କିଛି ଆବାସକୁ ଅସଦ ଉପାୟରେ ବେଆଇନ ଭାବେ ହାତେଇଛନ୍ତି। ଏଣୁ ତୁରନ୍ତ ପ୍ରକୃତ ହିତାଧିକାରୀମାନଙ୍କୁ ରାଜୀବ ଆବାସ ପ୍ରଦାନ କରାଯିବାକୁ ଦାବୀ ହୋଇଛି। ଆମ ରାଜ୍ୟରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମଙ୍କ ପାଇଁ ଦିଆଯାଉଥିବା ଭତା ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ। ଆମ ରାଜ୍ୟରେ ଦିଆଯାଉଥିବା ମାସିକ ୫୦୦ ଟନ୍କା ଦ୍ୱାରା ବର୍ତମାନର ଦରଦାମ ଓ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ବନ୍ଧୀୟ ଆଦି ଜରୁରୀ ଆବଶ୍ୟକତା ପାଇଁ କୌଣସି ମାତ୍ରାରେ ପର୍ଯ୍ୟାପ୍ତ ନୁହଁ। ଏଣୁ ମାସିକ ୫୦୦ ଟନ୍କା ପରିବର୍ତେ ୫୦୦୦ ଟଙ୍କା ଭତା ପ୍ରଦାନ କରାଯିବାକୁ ଦାବୀ କରାଯାଇଛି। ଏଥିସହ ଚଳିତ ବର୍ଷର ବର୍ଷା ଋତୁ ପୂର୍ବରୁ ସମସ୍ତ ସାହି ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ କରିବା, ପ୍ରତ୍ୟେକ ୱାର୍ଡରେ ପାଠାଗାର ନିର୍ମାଣ, ଖୋଡାସିଙ୍ଗି ଅଲେଖ ନଗର ସ୍ଥିତ ଶିଶୁ ଉଦ୍ୟାନ ସମେତ ଭଗ୍ନ ଅବସ୍ଥାରେ ଥିବା ପାର୍କ, ଶିଶୁ ଉଦ୍ୟାନ ଓ ସହରରେ ଥିବା ପୋଖରୀ ଗୁଡିକର ପୁନଃରୁଦ୍ଧାର ଆଦି ଛଅ ଦଫା ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଆଜିର ଏହି ଘଂଟ ବିକ୍ଷୋଭରେ ସମାଜସେବୀ ମନୋଜ ତରାଇ ଓ ଯୁବନେତା ହୃଷିକେଶ ପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ରବି ରଥ, ମାନବବାଦୀ ହେତୁବାଦୀ ସଂଗଠନର ଇ. ତେଜେଶ୍ୱର ରାଓ, ଋଷିକୂଲ୍ୟା ରୟତ ମହାସଭାର ବିଜୟ ସ୍ୱାଇଁ, ବଂଶୀଧର ଭୂୟାଁ, ବି. ସ୍ୱରାଜ୍ୟ ସୁବୁଦ୍ଧି, ମାଗୁଣି ନାହାକ, ଭାସ୍କର ଚନ୍ଦ୍ର ସାହୁ, ଏସ. ସାମ୍ବଶିବା ରାଓ, ସୁରେନ୍ଦ୍ର ନାଥ ପଣ୍ଡା, ଆର. ସତ୍ୟ ନାରାୟଣ ରାଓ, କବିରାଜ ସାହୁ, ସୁବାସ ଚନ୍ଦ୍ର ମିଶ୍ର, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଗଗନ ଚନ୍ଦ୍ର ମଲ୍ଲିକ, ଏ.ସୁରେଶ, ଏମ.ଭେଙ୍କଟରାମଣା, ବି. ରାମବାବୁ, କେ. ମୋହନ ରାଓ ସୁବୁଦ୍ଧି, ଜେ.ଏସ. ରାଓ, କବିରାଜ ସେଠୀ, ରାମଚନ୍ଦ୍ର ବେହେରା, ଦିବାକର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଭଞ୍ଜନଗର ଓ ବେଲଗୁଣ୍ଠା ଆହାର କେନ୍ଦ୍ରକୁ ଏ ଗ୍ରେଡ୍ ମାନ୍ୟତା

ଗଞ୍ଜାମ, (ପି.ଏନ): ଗତ ବର୍ଷ ଡିସେମ୍ବର ମାସରେ ରାଜ୍ୟ ଆହାର କେନ୍ଦ୍ର ଟିମ୍ ପକ୍ଷରୁ ରାଜ୍ୟର ସମସ୍ତ ଆହର କେନ୍ଦ୍ର ଗୁଡିକର ପରିଚାଳନା ନେଇ ଏକ ଖସଡ଼ା ପ୍ରସ୍ତୁତ କରାଯିବା ସହ ସର୍ବେକ୍ଷଣ କରାଯାଇଥିଲା । ଏହି ରିପୋର୍ଟ ଅନୁସାରେ, ଭଞ୍ଜନଗର ଓ ବେଲଗୁଣ୍ଠା ଆହାର କେନ୍ଦ୍ରକୁ ରାଜ୍ୟର ଶ୍ରେଷ୍ଠ ଆହର କେନ୍ଦ୍ରର ମାନ୍ୟତା ମିଳିଛି । ଉଭୟ କେନ୍ଦ୍ରକୁ 'ଏ' ଗ୍ରେଡ୍ ମାନ୍ୟତା ମିଳିଛି । ଏହି ଦୁଇ କେନ୍ଦ୍ରରେ ଲୋକଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ ସହ ଗୁଣାତ୍ମକ ଖାଦ୍ୟ ପ୍ରଦାନ କରାଯାଇଥିବା ପ୍ରିନ୍ସିପାଲ ସେକ୍ରେଟାରୀ ତଥା ଓଏସଏସ ଅଧକ୍ଷ ସମସ୍ତ ପୌରପାଳିକା ଓ ଏନଏସି ଅଧକ୍ଷଙ୍କୁ ଦେଇଥିବା ଚିଠିରୁ ଜଣାପଡିଛି । ଏନେଇ ଭଞ୍ଜନଗର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ କାର୍ଯ୍ୟନିର୍ବାହି ଅଧିକାରୀ ଅଶୁତୋଷ ଗୌରବ କର ସମସ୍ତଙ୍କ ମିଳିତ ସହଯୋଗରେ ଏହି ସଫଳତା ମିଳିଥିବା ପ୍ରକାଶ କରିଛନ୍ତି।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର


ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।



2023-2024
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Wednesday March 22, 2023 ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜିନ୍ଦଲ୍ ଷ୍ଟେନଲେସ୍ ଲିମିଟେଡ୍ ୫୨ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ



ଦାନଗଦୀ(ପି.ଏନ୍) :- ଜିନ୍ଦଲ୍ ଷ୍ଟେନଲେସ୍ ଲିମିଟେଡ୍ ୫୨ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଥିଲା ଯାହା ୪ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା ୨୦ ମାର୍ଚ୍ଚରେ JSL ପରିସରରେ ଶେଷ ହୋଇଥିଲା । ଏହି ବର୍ଷର ଜାତୀୟ ସୁରକ୍ଷା ସପ୍ତାହ ପାଇଁ ବିଷୟବସ୍ତୁ ଥିଲା "OUR AIM ZERO AIM" '। ଅପରାହ୍ନରେ ୟୁନିଟ୍ ହେଡ୍ ଶ୍ରୀ ଦୀପକ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜେଏସ୍ଏଲ୍ ପରିସରରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଉଦ୍ ?ଯାପନୀ ଅବସର ରେ କାର୍ଯ୍ୟକ୍ରମ ଗୁଡିକ ବିଭିନ୍ନ ବିଭାଗ ଦ୍ୱାରା ସ୍ଥିର ହୋଇଥିବା ସୁରକ୍ଷା ରାଲି ସହିତ ନିରାପତ୍ତା ପ୍ରତି ସେମାନଙ୍କର ଆତ୍ମ ପ୍ରେରଣା କୁ ପ୍ରଦର୍ଶନ କରି ଆରମ୍ଭ ହୋଇଥିଲା । ଶ୍ରୀ ମନୋଜ ବଳ ହେଡ ଫାୟାର ଆଣ୍ଡ ସେଫ୍ଟି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ବାଣିଜ୍ୟିକ ମୁଖ୍ୟ ଫେଜ -୧ , ଶ୍ରୀ ଏ.କେ ସିଂ, ପ୍ଲାଣ୍ଟ ର ମାନବ ସମ୍ବଳ ମୁଖ୍ୟ ଶ୍ରୀ ରାକେଶ ପାଠକ କର୍ମକ୍ଷେତ୍ରରେ ତଥା ଘରେ ମଧ୍ୟ ନିରାପଦ ଅଭ୍ୟାସକୁ ଅନୁସରଣ କରିବାର ଗୁରୁତ୍ୱ ଉପରେ ବ୍ୟକ୍ତବ୍ୟ ରଖିଥିଲେ । ୟୁନିଟ୍ ହେଡ୍ , ଶ୍ରୀ ଦୀପକ ଅଗ୍ରୱାଲ ଏହାକୁ ଜେଏସଏଲର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ସହିତ ଯୋଡିଥିବା ସୁରକ୍ଷା ଆଚରଣ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହାକି ଓଏଚଏସ କୁ ସୁରକ୍ଷା ସଂସ୍କୃତିର ଉତ୍କର୍ଷତାକୁ ଏକ ନୂତନ ସ୍ତରକୁ ନେଇପାରିବ । ଉଦ୍ଯାପନୀ ସମାରୋହର ମୁଖ୍ୟ ଅତିଥି ଡେପୁଟି ଡାଇରେକ୍ଟର ଇଂ ୟୁସି ସୂତାର, କାରଖାନା ଏବଂ ବଏଲର ଡେପୁଟି ଡାଇରେକ୍ଟର, ଯାଜପୁର ରୋଡ ଡିଭିଜନ ଗରିମାମୟ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ କାରଖାନାରେ ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆଘାତ ହ୍ରାସ ପାଇଁ JSL କୁ ପ୍ରଶଂସା କରିଥିଲେ। ସୁରକ୍ଷା ଉପରେ ଭଲ ଅଭ୍ୟାସ ଅନୁସରଣ କରିବାର ଗୁରୁତ୍ୱ ଉପରେ JSL କର୍ମଚାରୀଙ୍କ ଦ୍ୱାରା ଏକ ନାଟକ ଉପସ୍ଥାପିତ ହୋଇଥିଲା ଏବଂ ଏହାକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା ।

## ଉଦୀୟମାନ ପକ୍ଷରୁ ବନଦିବସ ପାଳିତ

ଚଣ୍ଡିଖୋଲ, (ପି.ଏନ): ଚଣ୍ଡିଖୋଲ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବନ ଦିବସ ପାଳିତ ହୋଇଯାଇଛି। ଚଣ୍ଡିଖୋଲ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଆଜି ଶିଶୁମାନଙ୍କ ଗହଣରେ ବନ ଦିବସ ନିରାଡମ୍ବ ଭାବେ ପାଳନ କରାଯାଇଥିଲା। ଏଥିରେ ଉଦୀୟମାନ ସଂସ୍ଥାର ବରିଷ୍ଠ ଉପଦେଷ୍ଟା ସମାଜସେବୀ ବିଜୟପାଲ ଯାଦବ ଓ ସାମ୍ବାଦିକ ପ୍ରମୋଦ କୁମାର ଜେନା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ଓ ବିଦ୍ୟାଳୟର ଗୁରୁମା ମାନେ ବୃକ୍ଷ ଦେବତାଙ୍କୁ ଚୁଆ ଚନ୍ଦନ ଧୂପ ଦୀପ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂପାଦକ ଅନିଲ ଦାସ ସଂଚାଳନ କରିଥିଲା ବେଳେ ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସନ୍ଧ୍ୟାରାଣୀ ବ୍ରହ୍ମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଗୁରମା ଓ ଛାତ୍ରଛାତ୍ରୀଙ୍କ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ବନ ବିଭାଗ ହାବୁଡ଼ରେ ପଡିଲା ଆନ୍ତଃ ରାଜ୍ୟ ମୂଲ୍ୟବାନ କାଠ ଚାଲାଣ ଗ୍ୟାଙ୍ଗ

ବୌଦ୍ଧ, (ପି.ଏନ): ବନ ବିଭାଗ ହାବୁଡ଼ରେ ପଡିଲା ଆନ୍ତଃ ରାଜ୍ୟ ମୂଲ୍ୟବାନ କାଠ ଚାଲାଣ ଗ୍ୟାଙ୍ଗ। ଏକ ଟ୍ରକ ସହ ୭୦ ଟି କେନ୍ଦୁ କାଠଗଣ୍ଡିକୁ ଜବତ କରିଛି ବନ ବିଭାଗ। ଏହାସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଖୁଂଟିଗୋରାରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର କେନ୍ଦୁ କାଠ ଚାଲାଣ ମାମଲାରେ ୩ ଜଣଙ୍କୁ ଗିରଫ କରିଛି ବୌଦ୍ଧ ବନବିଭାଗ। ଏନେଇ ବୌଦ୍ଧ ବନ ବିଭଗ କାର୍ଯ୍ୟାଳୟ ଠାରେ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ସୂଚନା ଦେଇଛନ୍ତି।ଏହି କାଠ ଚାଲାଣ ଗ୍ୟାଙ୍ଗରେ ରହିଥିବା ସମ୍ବଲପୁରର ବିଦ୍ୟାଧର ଦାସ ଏବଂ ପଶ୍ଚିମବଙ୍ଗର ସୁବୀର ପାତ୍ର ଓ ତପନ ରାଉତଙ୍କୁ ଗିରଫ କରିଛି ବନବିଭାଗ। ବୌଦ୍ଧ ଜିଲା ଖୁଂଟିଗୋରା ଅଂଚଳରୁ ଚୋରାଚାଲାଣ କରାଯାଉଥିବା ବେଳେ ଏକ ଟ୍ରକ ସହ ୭୦ ଟି କେନ୍ଦୁ କାଠ ଗଣ୍ଡି କଂଟାମାଳ ବନ ବିଭାଗ ଦ୍ୱାରା ଜବତ କରାଯାଇଛି । କଂଟାମାଳ ଅଂଚଳରୁ କୋଲକାତା ଚାଲାଣ ବେଳେ ଧରିଛି ବନ ବିଭାଗ । ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ହେବ।ବୌଦ୍ଧ ବନ ବିଭାଗ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ଚଢ଼ାଉ କରି ଏକ କେନ୍ଦୁ କାଠ ବୋଝେଇ ଟ୍ରକ ସହ ତିନି ଜଣଙ୍କୁ ଗିରଫ କରାଯାଇଥିଲା।

## ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହେଉ - ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ

ଚଣ୍ଡିଖୋଲ, (ପି.ଏନ): ବଡଚଣା ବ୍ଲକ ଅନ୍ତର୍ଗତ ପାରିଆ ପଂଚାୟତର ବରୁଣିଆ ଗ୍ରାମଠାରେ ଗୋଆ ମୁକ୍ତି ସଂଗ୍ରାମ ଏବଂ ସମାଜବାଦୀ ଆନ୍ଦୋଳନର ମହାନନେତା ସଚ୍ଚିଦାନନ୍ଦ ରାଉତଙ୍କ ୩୭ତମ ଶ୍ରଦ୍ଧା ଦିବସ ପାଳିତ। ଏହି ଅବସରରେ ତାଙ୍କଗ ପୈତୃକ ଗ୍ରାମରେ ସ୍ମୃତି ସଂସଦ ପକ୍ଷରୁ ଏହାର ଅଧ୍ୟକ୍ଷ ସତ୍ୟବାଦୀ ଲେଙ୍କାଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାର ସଭା ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯୋଗଦେଇ ସ୍ମୃତିଚାରଣ କରିବା ସହ ସଚ୍ଚି ଭାଇ ଭୋଟ ରାଜନିତିରେ ଅଂଶ ଗ୍ରହଣ ନ କରି ନିସ୍ୱାର୍ଥପର ଭାବେ ସମାଜବାଦୀ ଆନ୍ଦୋଳନକୁ ଚାଲୁ ରଖିଥିଲ। ଆଜିର ଦିନରେ ସମସ୍ତଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଅପରିହାର୍ଯ୍ୟ ହୋଇଥିବା ବେଳେ ଶ୍ରୀ ରାଉତ ଏହକୁ ମର୍ମେ ମର୍ମେ ଅନୁଭବ କରିଥିଲେ। ଏହି ଅବସରରେ ପଜ୍ୟପୂଜା ପରମ୍ପରାରେ ସଚ୍ଚିଦାନନ୍ଦ ସମ୍ମ ସମ୍ମାନ ପ୍ରିୟବାଥବ ପୃଷ୍ଟି ଓ ସୁରେସ ଚନ୍ଦ୍ର ଖିଲାରଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନାଥ ମିଶ୍ର, ଅଜୟ ସାମଲ, ଅନନ୍ତ ଷେଣ୍ଠେ, ନୀଳମଣି ରାଉତ, ରମେଶ ଚନ୍ଦ୍ର ବିଶ୍ୱାଳ ଓ ମିହିର ପ୍ରସାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ ରାଜ୍ୟର ପ୍ରଥମ ଇ-ରିଡିଂ ରୁମ୍ ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ) : ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ ରାଜ୍ୟର ପ୍ରଥମ ଡିଜିଟାଲ୍ ରିଡିଂ ରୁମ୍ 'ବିନୋଦିନୀ ମହାପାତ୍ର ରିଡିଂ କର୍ଣ୍ଣର'ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। 'ମୋ କଲେଜ ଅଭିଯାନ' ଅଧ୍ୟକ୍ଷ ଶ୍ରୀ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରିଡିଂ ରୁମ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ରୁମ୍‌ରେ ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ 'ଜ' ସଫ୍ଟୱେୟାର ଅଛି। ଏହି ସଫ୍ଟୱେୟାର ମାଧ୍ୟମରେ ସେମାନେ ଅଡିଓ ବୁକ୍ ବାହାର କରି ଶୁଣିପାରିବେ ଆଉ ପାଠ ମନେରଖିପାରିବେ। ଯାହାଦ୍ୱାରା ସେମାନେ ଶିକ୍ଷାଗ୍ରହଣ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେନି।'ମୋ କଲେଜ' ଅଧ୍ୟକ୍ଷ ଶ୍ରୀ ଦାସନାୟକ ଏହି ରୁମ୍‌କୁ ଉଦ୍‌ଘାଟନ କରି କହିଥିଲେ, ଏହି ଇ-ରିଡିଂ ରୁମ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଠପଢ଼ାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ତଥା କୁଳସଚିବ ଶ୍ରୀମତି ଶ୍ୟାମଳି ମହାପାତ୍ର ନିଜ ମା' ଶ୍ରୀମତି ବିନୋଦିନି ମହାପାତ୍ରଙ୍କ ନାମରେ ଏହି ରିଡିଂ ରୁମ୍ ତିଆରି କରିବାକୁ ଅର୍ଥ ଦାନ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରୀ ଦାସନାୟକ କହିଲେ, ରାଜ୍ୟରେ ଥିବା ପ୍ରତ୍ୟେକ କଲେଜ ଏବଂ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କରିବାକୁ 'ମୋ କଲେଜ ଅଭିଯାନ' ପ୍ରୟାସ କରିଆସୁଛି। ଖାଲି ଏତିକି ନୁହେଁ ଛାତ୍ରଛାତ୍ରୀଙ୍କ ଜୀବନରେ ଏହି ଅଭିଯାନ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି। ଏହା ସହ ସେ କହିଲେ, ଯଦି ଜଣଙ୍କ ଆତ୍ମବିଶ୍ୱାସ ଦୃଢ଼ ଅଛି ଏବଂ ଲକ୍ଷ୍ୟ ସ୍ଥିର ରହିଛି, ତେବେ ନିଶ୍ଚିତ ଭାବେ ଲକ୍ଷ୍ୟ ହାସଲ ହୋଇପାରିବ। ରାଜନୀତି ବିଜ୍ଞାନ ବିଭାଗ ଯୁକ୍ତତିନି ଶେଷ ବର୍ଷର ଦୃଷ୍ଟିବାଧିତ ଛାତ୍ରୀ ଝିଲ୍ଲୀ ପ୍ରଧାନ କହିଲେ, ଉନ୍ନତମାନର ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷାଗ୍ରହଣ କରିବା ଆମର ବହୁତ ବଡ଼ ସ୍ୱପ୍ନ ଥିଲା। ଆଉ ସେ ସ୍ୱପ୍ନ ଆଜି ପୂରଣ ହୋଇଛି। ଆଜି ଆମମାନଙ୍କ ପାଇଁ ବହୁତ ବଡ଼ ଦିନ। ଆମ ଭଳି ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ପାଇଁ ଡିଜିଟାଲ୍ ରିଡିଂ ରୁମ୍ କରାଯାଇଥିବାରୁ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ 'ମୋ କଲେଜ ଅଭିଯାନ'କୁ ବହୁତ ଧନ୍ୟବାଦ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଲେ, ଆମ ବିଶ୍ୱବିଦ୍ୟାଳୟର ପ୍ରତିଟି ଛାତ୍ରୀ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଦିବ୍ୟାଙ୍ଗ ଛାତ୍ରୀଙ୍କସୁବିଧା ପାଇଁ ଏହି ଇ-ଲର୍ଣ୍ଣିଂ ସେଣ୍ଟରରେ ଆମେ ସବୁ ପ୍ରକାରର ସୁବିଧା କରିବାକୁ ଯୋଜନା କରୁଛୁ। ଯେଉଁଥିରେ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସଫ୍ଟୱେୟାର ଓ ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। କାର୍ଯ୍ୟକ୍ରମରେ କୁଳସଚିବ ଶ୍ରୀମତି ଶ୍ୟାମଳି ମହାପାତ୍ର କହିଲେ, ନଦୀ ଭଳି ଜୀବନରେ ଆଗକୁ ବଢ଼ିବା ପାଇଁ ମୋ ମା' ବିନୋଦିନୀ ମହାପାତ୍ର ସର୍ବଦା ମୋତେ ଆଉ ମୋ ଭାଇଭଉଣୀମାନଙ୍କୁ ପ୍ରେରଣା ଦିଅନ୍ତି। ଏହି ବିଶ୍ୱବିଦ୍ୟାଳୟର ଜଣେ ପୁରାତନ ଛାତ୍ରୀ ଭାବେ ଏଠାରେ ଏକ ରିଡିଂ କର୍ଣ୍ଣର କରିବାକୁ ସହାୟତା ପ୍ରଦାନ କରିଥିଲି। ଆଜି ତାହା ବାସ୍ତବରେ ପରିଣତ ହୋଇଛି। ଏଥିପାଇଁ ସବୁ ଶ୍ରେୟ 'ମୋ କଲେଜ ଅଭିଯାନ'କୁ ଦେଉଛି। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡିଚରଣ ରଥ, 'ଉଇ ଫର୍ ୟୁ'ର ଅଭୟ ମହାନ୍ତ, ପ୍ରଫେସର ଚନ୍ଦ୍ରଶେଖର ଲେଙ୍କା, ଲାଇବ୍ରେରୀ ଇନ୍‌ଚାର୍ଜ ନସିମା ବେଗମ୍, ପାଖାପାଖି ୧୦୦ ଜଣ ଦୃଷ୍ଟିବାଧିତ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। 'ମୋ କଲେଜ' ସଂଯୋଜିକା ଡ. ସ୍ନେହଲତା ଦାସ କାର୍ଯ୍ୟକ୍ରମରେ ଧନ୍ୟବାଦ ଦେଇଥିଲେ।

## ବଲାଙ୍ଗିରେ ବିଶ୍ୱ ପଖାଳ ଦିବସ ପାଳିତ

ବଲାଣି, (ପି.ଏନ); ପ୍ରତିବର୍ଷ ମାର୍ଚ୍ଚ ୨୦କୁ ବିଶ୍ୱର କୋଣ ଅନୁକୋଣରେ ପଖାଳ ଦିବସ ଭାବେ ପାଳନ କରାଯାଇଥାଏ । ପ୍ରତି ଓଡ଼ିଆ ଘରର ପ୍ରିୟ ଖାଦ୍ୟ ହେଉଛି ପଖାଳ । ଗରିବର ଭାତ ହାଣ୍ଡି ଠାରୁ ଧନୀ ପରିବାର ପର୍ଯ୍ୟନ୍ତ ପଖାଳ କଂସାରେ ପେଟ ଭରିଥାଏ । ଏହି ପଖାଳ କଂସା ଏବେ ଓଡ଼ିଆଙ୍କ ଏତେ ପ୍ରିୟ ହୋଇଯାଇଛି ଯେ ପ୍ରତ୍ୟେକ ଘର ଠାରୁ ସାଧାରଣ ହୋଟେଲ ତଥା ସୌଖିନ ହୋଟେଲ ପର୍ଯ୍ୟନ୍ତ ଏବେ ପଖାଳର ଚାହିଦା । ବର୍ତ୍ତମାନର ଅତ୍ୟାଧୁନିକ ଖାଦ୍ୟ ମଧ୍ୟରେ ମଧ୍ୟ ନିଜର ମହକ ହରାଇ ନାହିଁ ପଖାଳ । ଆଜି ପଖାଳ ଦିବସ ଅବସରରେ ସାରା ରାଜ୍ୟରେ ଦେଖିବାକୁ ମିଳିଛି ପଖାଳ ଦିବସ ପାଳନର ଉତ୍ସାହ । ନଅ ତିଅଣ ଛଅ ଭଜା ସହ ଆଜି ରାଜ୍ୟବାସୀ ପାଳୁଛନ୍ତି ପଖାଳ ଦିବସ । ଯାହା କେବଳ ଏକ ଖାଦ୍ୟ ନୁହେଁ ବରଂ ଓଡ଼ିଆଙ୍କ ଆବେଗ, ଗର୍ବ ଓ ପରିଚୟ। ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରା ସହ ଓତଃପ୍ରୋତ ଭାବେ ଜଡିତ । ଏହି ପରମ୍ପରାକୁ ପ୍ରତ୍ୟେକ ଅଧିବାସୀଙ୍କ ନିକଟରେ ପହଂଚାଇବାର ପ୍ରୟାସ କରିଛନ୍ତି ସୀମାନ୍ତ ଖଣି କ୍ଷେତ୍ର ବଲାଣି ଅଂଚଳର ଓଡ଼ିଆ ପରିବାରର ସଦସ୍ୟ ମାନେ । ଏହି ଅବସରରେ ସ୍ଥାନୀୟ ଜେଏନଆରସି ଅଡିଟୋରିୟମ ଠାରେ ସାମୁହିକ ପଖାଳ ଦିବସର ଆୟୋଜନ ହୋଇଯାଇଛି । ବଲାଣି ଓଡ଼ିଆ ପରିବାର ପକ୍ଷରୁ ଦହି ଛୁଙ୍କ ପଖାଳ ସହ ବଡି ଚୁରା, ଆଳୁ ବାଇଗଣ ଭର୍ତ୍ତା, ଆଳୁ ଭଜା ଆଦି ବିଭିନ୍ନ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇ କଂସାରେ ପରଷା ଯାଇଥିଲା ।

## ଭି.ଆର.ଓ ସଂସ୍ଥାର ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦଯାପନୀ ଉତ୍ସବ ଅନୁଷ୍ଠିତ

ଚଣ୍ଡିଖୋଲ, (ପି.ଏନ): ଚଣ୍ଡିଖୋଲସ୍ଥିତ ଗ୍ରାମୀଣ ପୁନଃ ଉତ୍ଥାନ କେନ୍ଦ୍ର ଠାରେ ଯୁବ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯା ପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରରେ ପ୍ରାୟ ଏକବର୍ଷ ହେବ ସିଲେଇ ପ୍ରଶିକ୍ଷଣ ପାଇଁ ଆସି ପ୍ରଶିକ୍ଷିତ ହୋଇଥିବା ୬୦ ଜଣ ଶିକ୍ଷାର୍ଥୀଙ୍କୁ ସ୍ନାତକ ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାମାଂଚଳରେ ମହିଳା ଓ ଯୁବ ବର୍ଗମାନଙ୍କର ଆର୍ଥିକ ବିକାଶ କରିବା ପାଇଁ ଭି.ଆର ପକ୍ଷରୁ ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ଦକ୍ଷତା ପ୍ରଶିକ୍ଷଣ ଶିବିରମାନ ଆୟୋଜିତ ହୋଇଆସୁଛି। ଏହି ଅବସରରେ ଆଜିର ଉଦଯାପନୀ ଉତ୍ସବରେ ଫାଦର ଜଜ୍ ଆଟୋଂନୀଙ୍କ ଆବାହକତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ପ୍ରମୋଦ ଜେନା ଯୋଗ ଦେଇ କୃତି ପ୍ରଶିକ୍ଷକ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏଠାରେ ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟଭାର ନିର୍ବାହ କରୁଥିବା ରେବତୀ ନାୟକ ଓ ଏହି ସଂସ୍ଥାର କାର୍ଯ୍ୟକୁ ସଂଚାଳନ କରୁଥିବା ଅଶୋକ କୁମାର ସେଠୀ ଯୋଗ ଦେଇ କୃତିଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ବଡଚଣା ଓ ଧର୍ମଶାଳା ବ୍ଲକର ଶତାଧିକ ମହିଳା ପ୍ରଶିକ୍ଷଣ ନେବାସହ ସ୍ୱାବଲମ୍ବି ହେବାପାଇଁ ଏକ ମାର୍ଗଦର୍ଶିକା ସଂସ୍ଥାପକ୍ଷରୁ ପାଇଥିବାରୁ ଫାଦର ଜଜ୍ ଆଟୋଂନୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହରିଦାସପୁରର ପ୍ରଶିକ୍ଷକ ସୁଲୋଚନା ସାହୁ, ମଠାସାହି ପ୍ରଶିକ୍ଷକ ମୋନାଲିସା ସେଠୀ, ରାଁସାଳର ଗୀତାଞ୍ଜଳି ନାୟକ, କ୍ଷେଣ୍ଡପୁରର ଶଶ୍ମିତା ଖଟୁଆ, ମଳିକ ସାହିର କାଦମ୍ବିନୀ ମଲିକ ଓ ଶାନ୍ତିପୁରର ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

## ହେଲ୍ମେଟ୍ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆଭାଷା ଦିବସ ପାଳିତ

ପୁରୀ,(ପି.ଏନ): ଓଡ଼ିଶାର ଅଗ୍ରଣୀ ହେଲ୍ମେଟ୍ ଓ ସଂସ୍କୃତି ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆଭାଷ ଦିବସ ଯୁଥ ହଷ୍ଟେଲ ସଭାଗୃହରେ ପାଳିତ ହୋଇଯାଇଛି । ଜାଗ୍ରତ ହେଉ ଭାଷାପ୍ରୀତିକୁ ନେଇ ବର୍ଣ୍ଣବୋଧ ପୁସ୍ତକ ଉପରେ ବସ୍ତି ଅଂଚଳରେ ସଚେତନତା କରାଯାଇଥିଲା । ବିଦ୍ୟାଳୟ ମାନଙ୍କରେ ଶୁଦ୍ଧ ଲିଖନ, ପଠନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ ସୁଜାତା ସିହ୍ନା, ସଂସ୍କୃତିପ୍ରେମୀ ଆଲୋକ ମହାପାତ୍ର ଓ ଶେଷଦେବ ସାହୁଙ୍କୁ ସଂସ୍କୃତି ସାରଥୀ ସମ୍ମାନ ପ୍ରଦାନ କରାଯାଇଥିଲା । ଭୁବନେଶ୍ୱର ଓ ଶ୍ରୀକ୍ଷେତ୍ର କବିମାନଙ୍କୁ ନେଇ କବିତା ପାଠ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୟଶ୍ରୀ ପଟ୍ଟନାୟକ ଓ ସଂଧାରାଣୀ ପୃଷ୍ଟି ସଂଯୋଜନା କରିଥିଲେ । ମୁଖ୍ୟବକ୍ତା ଭାବେଦଇତାପତି ରାମଚନ୍ଦ୍ର ଦାସମହାପାତ୍ର,ସମାଜସେବୀ ଚକ୍ରଧର ମହାପାତ୍ର,ମାନସ ମେଥିଳୀ କୃଷ୍ଣପ୍ରିୟା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ସୋପାନ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି,ଭାଷା ସାହିତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ କେଉଁ କେଉଁ ମାନଦଣ୍ଡ ରହିଥିଲା ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଣ୍ଡାମାନ ନିକୋବରର ପ୍ରଫେସର ଡ଼କ୍ଟର ରବିନ୍ଦ୍ରନାଥ ରଥ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଡ଼ଃ ଅଞ୍ଜଳି ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ଶ୍ରୀପର୍ଣ୍ଣା ସମ୍ପାଦକ ଉମାକାନ୍ତ ମହାପାତ୍ର, ନିହାରିକା ପଟ୍ଟନାୟକ ଓ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray